ବର୍ଷ-୨୬, ସଂଖ୍ୟା-୨୫୯
ଭୁବନେଶ୍ୱର
ସେପ୍ଟେମ୍ବର, ୨୬, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 259
Bhubaneswar
September, 26, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ବିରୋଧୀ ଜିଦ୍‌ରେ ଅଟଳ

# କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଠପ୍

ଭୁବନେଶ୍ୱର, ୨୫।୯ (ମହାଭାରତ): ବିଧାନସଭା ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଏମଏମଡିଆର ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିବା ଯୋଗୁଁ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା । ଏହାପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଥମେ ଅପରାହ୍ନ ୪ଟା ଯାଏଁ ବିଧାନସଭା ମୁଲତବୀ କରିଥିଲେ। ପରେ ଉପବାଚସ୍ପତିଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ବିଫଳ ହେବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ମଧ ଶୁକ୍ରବାର ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହର ପ୍ରଥମାର୍ଦ୍ଧ ବାଧାପ୍ରାପ୍ତ ହୋଇଛି। ଏମ୍‌ଏମ୍‌ଡିଆର୍ ଆଇନକୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର ଦାବିରେ ବିଜେଡି ଓ କଂଗ୍ରେସର ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ସମେତ ଗୃହର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଥିଲା। ଗତିରୋଧ ଜାରି ରହିବାରୁ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମାତ୍ର ୪ ମିନିଟ୍ ପରେ ଗୃହକାର୍ଯ୍ୟକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ସକାଳ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନକାଳ ଆରମ୍ଭ କରିବାର ପ୍ରକ୍ରିୟା ଆଗକୁ ବଢ଼ାଇଥିଲେ। ଏହି ସମୟରେ ବିରୋଧୀ ବିଧାୟକମାନେ ଏମ୍‌ଏମ୍‌ଡିଆର୍ ଆଇନକୁ ନେଇ ନାରାବାଜି




ଆରମ୍ଭ କରିଥିଲେ। ଏହାପରେ ବିରୋଧୀ ସଦସ୍ୟମାନେ ନିଜ ଆସନରୁ ଉଠି ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ। ସେମାନଙ୍କ ହାତରେ ପ୍ଲାକାର୍ଡ ଥିଲା, ଯେଉଁଥିରେ ସରକାର ଓ ଏମ୍‌ଏମ୍‌ଡିଆର୍ ଆଇନ ବିରୋଧୀ ନାରା ଲେଖାଯାଇଥିଲା।ହଟ୍ଟଗୋଳ ମଧ୍ୟରେ ଉପବାଚସ୍ପତି ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକଙ୍କ ଓପନ୍ ସ୍କୁଲ୍ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଆମନ୍ତ୍ରଣ କରିଥିଲେ। ଗୃହରେ ହୋହଲ୍ଲା ସତ୍ତ୍ୱେ ମନ୍ତ୍ରୀ ପ୍ରଶ୍ନର ଉତ୍ତର ଦେଇଥିଲେ।

ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ କରୁଥିବା ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହର କାର୍ଯ୍ୟବିଧି ସୁଚାରୁ ରୂପେ ଚଳାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ତେବେ ବିରୋଧୀ ସଦସ୍ୟମାନେ ନାରାବାଜି ଜାରି ରଖିଥିଲେ ଏବଂ ଗୃହର ପରିବେଶ ଲଗାତାର କୋଳାହଳପୂର୍ଣ୍ଣ ରହିଥିଲା।

ଏହାପରେ ଉପବାଚସ୍ପତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଏକ ପ୍ରଶ୍ନର ଉତ୍ତର ଦେବାକୁ ଆମନ୍ତ୍ରଣ କରିଥିଲେ। ସେ ହଟ୍ଟଗୋଳ ମଧ୍ୟରେ ଉତ୍ତର ଦେବା ଆରମ୍ଭ କରିଥିଲେ, କିନ୍ତୁ ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦ ଜାରି ରହିଥିଲା। ପରିସ୍ଥିତି ସ୍ୱାଭାବିକ ନହେବାରୁ ଉପବାଚସ୍ପତି ଗୃହର କାର୍ଯ୍ୟବିଧିକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପରେ ଉପବାଚସ୍ପତିଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ବିଫଳ ହେବାରୁ ଗୃହକୁ ଉପବାଚସ୍ପତି ସୋମବାର ଯାଏଁ ମୁଲତବୀ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଥିଲା। ଅଧିବେଶନର ପ୍ରଥମ ଦିନରେ ମଧ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିରୋଧୀ ବିଧାୟକମାନେ ଜୋରଦାର ହଟ୍ଟଗୋଳ କରିଥିଲେ। ଦିବଙ୍ଗତ ବିଧାୟକମାନଙ୍କ ଏବଂ ନେପାଳରେ ହୋଇଥିବା ବନ୍ୟାକୁ ନେଇ ଶୋକ ପ୍ରସ୍ତାବ ପାରିତ ହେବା ପରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଆରମ୍ଭ କରିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଥମ ଦିନରେ ମଧ ଗୃହର କାର୍ଯ୍ୟବିଧି ପ୍ରଭାବିତ ହୋଇଥିଲା। ବୁଧବାର ଓ ଗୁରୁବାର ମଧ ସମାନ ପରିସ୍ଥିତି ଦେଖାଦେଇଥିଲା। ଏହି କାରଣରୁ ଦ୍ୱିତୀୟ ଓ ତୃତୀୟ ଦିନରେ ମଧ କୌଣସି କାର୍ଯ୍ୟବିଧି ହୋଇପାରିନଥିଲା।

## ସିଜେପିକୁ ନୋଟିସ

ନୂଆଦିଲ୍ଲୀ, ୨୫।୯ (ମହାଭାରତ):ଦିଲ୍ଲୀ ହାଇକୋର୍ଟ ଆଜି ଏହି ଅପରାଧିକ ରିଟ୍ ପିଟିସନର ତୁରନ୍ତ ଶୁଣାଣି କରିବାକୁ ରାଜି ହୋଇଛନ୍ତି । କକ୍‌ରୋଚ୍ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସୌରଭ ଦାସ, ପ୍ରତିଷ୍ଠାତା ଅଭିଜିତ ଦୀପକେ, ଆଶୁତୋଷ ରାଙ୍କା ଏବଂ ରତ୍ନା ସିଂହଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏଆଇ ଜେନେରେଟେଡ୍ ଫଟୋ ସମ୍ପାଦନା ଏବଂ ପ୍ରସାର କରିଥିବା ଜଣେ ମହିଳା ଅଭିଯୋଗ କରିଛନ୍ତି । ଏହି ମାମଲାରେ ଏକ ଏଫ୍‌ଆଇଆର୍ ପଞ୍ଜିକୃତ ହୋଇସାରିଛି ଏବଂ ମହିଳା ଜଣକ ବର୍ତ୍ତମାନ ଏହି ଫଟୋଗୁଡ଼ିକୁ ହଟାଇବାକୁ ଚାହୁଁଛନ୍ତି । ଆଜି ଏହି ମାମଲାର ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି । ଆବେଦନ ଅନୁଯାୟୀ, ଏହି ଫଟୋର ବ୍ୟାନର ଛାପି ଭିଡ଼ ମଧ୍ୟରେ ପ୍ରଦର୍ଶିତ କରାଯାଇଥିଲା ଏବଂ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ ଏହି ଫଟୋ ଏବଂ ଭିଡିଓ ଇନଷ୍ଟାଗ୍ରାମ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ ହୋଇଥିଲା।

ପୁରା ଘଟଣା କ'ଣ ଏହି ଆବେଦନରେ ଅଭିଯୋଗ କରାଯାଇଛି ଯେ, ମହିଳାଙ୍କ ମର୍ଫ ହୋଇଥିବା ଚିତ୍ର ମଧ ଅପଲୋଡ୍ କରାଯାଇଥିଲା ଏବଂ କିଛି ୱେବସାଇଟରେ ସେୟାର କରାଯାଇଥିଲା। ମହିଳାଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଅନୁଯାୟୀ, ଏହି ମାମଲାରେ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଥିଲେ ମଧ ସାଇବର କର୍ତ୍ତୃପକ୍ଷ ବିଷୟବସ୍ତୁ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ମହିଳା ଜଣକ ଦାବି କରିଛନ୍ତି ଯେ, ଡିପ୍ ଫେକ୍ ଚିତ୍ର ଇଣ୍ଟରନେଟରେ ଭାଇରାଲ ହେଉଛି ଏବଂ ତାଙ୍କୁ ଦୁଷ୍କର୍ମ ଧମକ ଏବଂ ହତ୍ୟା ଧମକ ମିଳୁଛି । ଏହି ଆବେଦନରେ ମହିଳା ଜଣକ କୋର୍ଟରୁ ପୁଲିସ ସୁରକ୍ଷା ଦାବି କରିଛନ୍ତି । ଏଥି ସହିତ, ସୋସିଆଲ ମିଡିଆ ଏବଂ ୱେବସାଇଟରୁ ଆପତ୍ତିଜନକ ଫଟୋ ଏବଂ ଡିପ୍ ଫେକ୍ ବିଷୟବସ୍ତୁକୁ ତୁରନ୍ତ ଚିହ୍ନଟ କରିବା, ବ୍ଲକ୍ କରିବା ଏବଂ ହଟାଇବାକୁ ଦାବି କରାଯାଇଛି। ପ୍ରଧାନ ବିଚାରପତି ଡି.କେ ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ୍ କାରିଆଙ୍କୁ ନେଇ ଗଠିତ ଏକ ଡିଭିଜନ୍ ବେଞ୍ଚ ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ କରିବାକୁ କହିଛନ୍ତି । ଏହି ଶୁଣାଣି ଏପରି ଏକ ସମୟରେ ହୋଇଛି, ଯେତେବେଳେ ଅଭିଜିତ ଦୀପକେ ଏବଂ ସିଜେପି ଭାରତର ନିର୍ବାଚନ ଆୟୋଗର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି । ଯଦି ସେପ୍ଟେମ୍ବର ୨୬ ସୁଦ୍ଧା କୁମାର ଇସ୍ତଫା ନଦିଅନ୍ତି, ତେବେ ଅକ୍ଟୋବର ୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ବର୍ଷାରେ ଘର ଭାଙ୍ଗିଥିଲେ ମିଳିବ ନୂଆ ଘର

ଭୁବନେଶ୍ୱର, ୨୫।୯ (ମହାଭାରତ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ଅନେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷ କରି ଅନେକ ସ୍ଥାନରେ ଗ୍ରାମବାସୀଙ୍କ କଚ୍ଚା ଘର ଭାଙ୍ଗିଯାଇଛି। ଏହିପରିସ୍ଥିତିରେ ପ୍ରଭାବିତଙ୍କ ପାଇଁବଡ଼ଆଶ୍ୱସନା ଦେଇଛନ୍ତିରାଜ୍ୟ ସରକାର । ବର୍ଷା ଯୋଗୁଁ ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ସରକାରୀ ଯୋଜନାରେ ତୁରନ୍ତ ନୂଆ ଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି ।ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଗତ ୪ ଦିନର ଲଗାଣ ବର୍ଷା ଫଳରେ ରାଜ୍ୟର ୪ଟିଜିଲ୍ଲାରେ ପ୍ରାୟ ୪୫ରୁ ୫୦ଟିଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଭାଙ୍ଗିଯାଇଛି । ବର୍ଷା ଜାରି ରହିଲେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି । କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂତନ ଆବାସ ଯୋଗାଇ ଦିଆଯିବ । ବର୍ଷା କମିବା କ୍ଷଣି ମାତ୍ର ୫ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଇନ୍ଦ୍ରାବତୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ୬ଟି ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯିବା ସହ ଶୁଖିଲା ରାସନ ବଣ୍ଟନ କରାଯାଉଛି । ତେବେ ବର୍ତ୍ତମାନ ଇନ୍ଦ୍ରାବତୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବା ନେଇ ଆଶ୍ୱସନା ମିଳିଛି ବୋଲି ମନ୍ତ୍ରୀ କହିଛନ୍ତି।

# 'ସମ୍ବନ୍ଧ' ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୯ (ମହାଭାରତ): ''ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା,'' ବୋଲି ଆଜି ପ୍ୟାକ୍ସ ଓ ଲ୍ୟାମ୍ପସର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପସରେ ଯୋଡି ହେବାକୁ ଆହ୍ୱାନ ଦେଇଥିଲେ ।

ସେ ପୁଣି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ସହକାର୍ ସେ ସମୃଦ୍ଧି' ଆହ୍ୱାନ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନକୁ ପାଥେୟ କରି ଓଡ଼ିଶା ଆଜି ଭାରତର ପ୍ରଥମ ରାଜ୍ୟ ଭାବେ ନିଜର 'ସମବାୟ ନୀତି ୨୦୨୬' ପ୍ରଣୟନ କରିଛି। ଏହି ନୂତନ ନୀତି ଅଧୀନରେ ପ୍ୟାକ୍ସ ଓ ଲ୍ୟାମ୍ପସଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଗଚ୍ଛତ ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଛାତ ତଳେ ସାର, ବିହନ, ଆଧୁନିକ କୃଷି ଯନ୍ତ୍ରପାତି, ବ୍ୟାଙ୍କିଙ୍ଗ୍, ଫସଲ ବୀମା ଓ ଦୁଗ୍ଧ ସଂଗ୍ରହ ସୁବିଧା ଯୋଗାଇ ଦିଆଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର, ୬୦ଟି ନୂତନ କନଜ୍ୟୁମର ଷ୍ଟୋର , ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର




ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ଜାତୀୟ ପ୍ୟାକ୍ସ ସଫ୍ଟୱାର ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟେଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହିକ୍ରମରେ ୩୦୦ଟି ପ୍ୟାକ୍ସରେ ଏନଏଲପିଏସ୍ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି । ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ।

ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ "ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ" ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମରେ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।

ଏହି ସମାରୋହରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରି ପ୍ରତ୍ୟେକ ପରିବାରରୁ ଅନ୍ୟୁନପକ୍ଷେ ଜଣେ ସଦସ୍ୟଙ୍କୁ ସମବାୟ ସହିତ ଯୋଡିବାର ମୂଳ ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ । ଗତ ଦୁଇ ବର୍ଷ ମଧ୍ୟରେ ସମବାୟ ବିଭାଗ ପକ୍ଷରୁ ହାସଲ ହୋଇଥିବା ବିଭିନ୍ନ ଉପଲବ୍ଧି ଉପରେ ଆଲୋକପାତ କରି ସେ କହିଥିଲେ ଆମ ସରକାରରେ ଏବେ ସମବାୟ ସମିତି ଗୁଡିକ ଆଉ କ୍ଷତିଗ୍ରସ୍ତ ଅନୁଷ୍ଠାନ ନୁହେଁ, ବରଂ ଏକ ସ୍ୱାବଲମ୍ବୀ ଓ ଲାଭଜନକ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି । ସମବାୟର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନିଆଯାଇଥିବା ସମସ୍ତ ଯୁଗାନ୍ତକାରୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗୁଡିକ ଆମ ରାଜ୍ୟକୁ ସମୃଦ୍ଧ ଓଡିଶା ଗଠନ ଦିଗକୁ ଦ୍ରୁତ ଗତିରେ ଅଗ୍ରସର କରାଉଛି ବୋଲି ସେ ମତ ଦେଇଥିଲେ ।

## ଆହୁରି ୨ ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୫।୯ (ମହାଭାରତ): ବର୍ତ୍ତମାନ ଅବପାତଟି ଦକ୍ଷିଣ ଓଡିଶା ଓ ତା' ପାର୍ଶ୍ୱବର୍ତ୍ତି ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହାର ସ୍ଥିତି ଅବପାତ ଭାବେ ସକ୍ରିୟ ହୋଇ ରହିବ। ଏଥି ସହ ୧୨ ଘଣ୍ଟା ପରେ କ୍ରମଶଃ ଦୁର୍ବଳ ହୋଇ ସମାନ ଅଂଚଳରେ ଏକା ସ୍ୱଷ୍ଟ ଚିହ୍ନିତ ବା ସଦୃଶ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ଆହୁରି ୨ ଦିନ ପ୍ରବଳ ବର୍ଷା ସହ ପବନର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟାରେ କେନ୍ଦୁଝର , ସୁନ୍ଦରଗଡ, ମୟୁରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ନୂଆପଡା ଓ ନବରଙ୍ଗପୁର ଏହି ୮ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୫୦ ରୁ ୬୦ କିମି ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ବାଲେଶ୍ୱର ଭଦ୍ରକ ଯାଜପୁର, କେନ୍ଦ୍ରାପଡା, କଟକ ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ, ଦେଓଗଡ ସୋନପୁର, ବଲାଙ୍ଗୀର, କଳାହାଣ୍ଡି , ରାୟଗଡା, କୋରାପୁଟ, ଓ ମାଲକାନଗିରିରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଓ ୪୦ ରୁ ୫୦ କିମି ପବନ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୨୬ ତାରିଖରେ ସୁନ୍ଦରଗଡ ଝାରସୁଗୁଡା ଓ ବରଗଡରେ ପ୍ରବଳ ବର୍ଷା ସହ ୪୦ ରୁ ୬୦ କିମି ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ରହିଛି।

# ବଢୁଛି ବିଭିନ୍ନ ନଦୀର ଜଳସ୍ତର

ଭୁବନେଶ୍ୱର, ୨୫।୯ (ମହାଭାରତ): ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି । ବୈତରଣୀ ଓ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ଉପୁଜିଛି । ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ବର୍ତ୍ତମାନ ଜଳସ୍ତର ୧୮.୬୫ ମିଟର ଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୧୯.୬ ମିଟରରେ ପହଞ୍ଚିବାର ଆଶଙ୍କା କରାଯାଉଛି । କାଣୀ ନଦୀରେ ଘାଇ ହୋଇଥିବା ବେଳେ ମଥାନୀରେ ମଧ ବନ୍ୟା ପାଣି ବଢିବା ଆଶଙ୍କା କରାଯାଉଛି । ମଥାନୀରେ ବର୍ତ୍ତମାନ ୬.୭୮ ମିଟର ଜଳ ପ୍ରବାହିତ ହେଉଛି । ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟରେ ଜଳସ୍ତର ୮.୮୫ ମିଟର ରହିଛି । ଆସନ୍ତାକାଲି ସକାଳ ସୁଦ୍ଧା ଏହା ୧୦.୫୦ ମିଟରରେ ପହଞ୍ଚିବା ସହ ବିପଦ ସଙ୍କେତ ଛୁଇଁପାରେ । ଗାଲୁଡିହିରୁ ଏବେ ୨୮୦୦ କ୍ୟୁମେକ୍ ପାଣି ଆସୁଛି । ବର୍ଷାକୁ ଦେଖି ହୀରାକୁଦର ୨ଟି ଗେଟ୍ ଖୋଲାଯାଇଛି।

ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ, ଯାଜପୁରରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀରେ ଜଳସ୍ତର ବଢ଼ିଥିବା ସୂଚନା ମିଳିଛି । ଅନ୍ୟପଟେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ୯୪ ପ୍ରତିଶତ ପାଣି ରହିଥିବା ବେଳେ ୫ଟି ଗେଟ୍ ଖୋଲାଯାଇଛି । ନବରଙ୍ଗପୁର ଜିଲ୍ଲାରେ ଆଜିଠାରୁ ବନ୍ୟାର ପ୍ରଭାବ କମିବାର ଆଶା ରହିଛି । ବଂଶଧାରାରେ ଜଳସ୍ତର ସ୍ଥିର ରହିଥିବା ବେଳେ ଗୁଣୁପୁର ଓ କାଶୀନଗରରେ ବନ୍ୟା ସ୍ଥିତି



ଧୀରେ ଧୀରେ କମିବ । ଋଷିକୁଲ୍ୟା ନଦୀରେ ମଧ ବନ୍ୟା ପାଣି କମୁଛି ।

ଲଗାଣ ବର୍ଷା ପାଇଁ ଗଞ୍ଜାମ ଜିଲ୍ଲାର ହେକ୍ଟର ହେକ୍ଟର ଚାଷ ଜମି ପାଣି ଘେରରେ । ଛତ୍ରପୁର ବ୍ଲକ ବଉଳ ଗାଁ, ମାଧପୁର, ବିପୁଲିଙ୍ଗୀ, ଅଗସ୍ତି ନୁଆଁ ଗାଁ ସମେତ ବିଭିନ୍ନ ଅଞ୍ଚଳରେ ଥିବା ଶହ ଶହ ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି । ଚାଷ ଜମିରେ ପ୍ରାୟ ୪ ଫୁଟର ପାଣି ଲହଡି ମାରୁଛି । ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରିଫ ଋତୁରେ ଧାନ ଚାଷ କରାଯାଉଥିବା ବେଳେ ସମସ୍ତ ଫସଲ ନଷ୍ଟ ହୋଇଯାଇଛି ।

ସେପଟେ ଲଗାଣ ବର୍ଷାରେ ଭଦ୍ରକ ସହର ଉବୁଟୁବୁ ହେଉଛି । ଜିଲ୍ଲାର ସମସ୍ତ ନଦୀରେ ବନ୍ୟା ଜଳ ବଢୁଥିବା ବେଳେ ସହରାଞ୍ଚଳରେ ସ୍ଥିତି ସଙ୍ଗୀନ ହୋଇଛି । ଗତକାଲି ରାତି ତମାମ ବର୍ଷା ଯୋଗୁଁ ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ସହରର ତଳି ଅଞ୍ଚଳରେ ବନ୍ୟା ପାଣି ଘରେ ପଶିଛି । ଭଦ୍ରକର ବାବା ଲୋକନାଥଙ୍କ ମନ୍ଦିର ଓ ଭଣ୍ଡାର ଘରେ ପାଣି ପଶିଯାଇଛି । ବର୍ଷା ପାଣିରେ ବାବା ଲୋକନାଥ ସମ୍ପୂର୍ଣ୍ଣ ବୁଡି ରହିଥିବାରୁ ନୀତିକାନ୍ତି ବାଧା ପାଇଛି । ଠାକୁରଙ୍କ ଅଳଙ୍କାର ଓ ପୂଜା ସାମଗ୍ରୀ ପାଣିରେ ଭାସୁଛି । ଏହି କୃତ୍ରିମ ବନ୍ୟା ପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି ଲୋକ । ନାଳ ଗୁଡ଼ିକ ସଫେଇ ନହେବା ଓ ଜବରଦଖଲ ଉଚ୍ଛେଦ ନହେବା ପାଇଁ ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।

ସେହିପରି ମୟୂରଭଞ୍ଜରେ ନାଲୁହା ନଦୀ ଫୁଲିଛି । ପାହାଡ଼ରୁ ନାଲି ପାଣି ବୋହି ଆସି ଏବେ ଗାଁରେ ପଶିଛି । ଖୁଣ୍ଟା ବ୍ଲକ କରକଟିଆ ପଞ୍ଚାୟତର ଟିକରପଡା ଏବଂ ବଡ଼ କଇମ ଗାଁରେ ବନ୍ୟା ସ୍ଥିତି ଦେଖା ଦେଇଛି । ଗାଁରେ ୭୦ରୁ ଅଧିକ ଘରେ ପାଣି ପଶିଛି ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁଇ ବରିଷ୍ଠ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୨୫।୯ (ମହାଭାରତ): ଆକ୍ସନ ମୁଡ୍‌ରେ ମୋହନ । ଦୁଇଟି ଭିନ୍ନ ଘଟଣାରେ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏବଂ କଟକ ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ନିଲମ୍ବିତ କରାଯାଇଛି । ଏହି ନିଲମ୍ବନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ।ସୂଚନାନୁଯାୟୀ, ମିନିଟ୍ ବୁକ୍ ଜାଲିଆତି ଘଟଣାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳ ଗିରଫ ହୋଇ ଜେଲରେ ଅଛନ୍ତି । ରବିବାର ଚୌଦ୍ୱାର ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା । ଏହି ମାମଲାରେ ସୁଜିତ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ । ହେଲେ ହାଇକୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ । ସେହିପରି ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଗୁରୁବାର ରାତିରେ ଭୁବନେଶ୍ୱରର ଜଣେ ମହିଳା ସହକର୍ମୀଙ୍କ ଘରେ ପଶି ସେଠାରେ ହଙ୍ଗାମା କରିଥିଲେ । ମହିଳାଙ୍କ ସହ ଅସଦାଚରଣ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସର ଚଉଜ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଅରୁଣ ବିଶ୍ୱାଳଙ୍କୁ ଖାରବେଳନଗର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଘଟଣା ସମ୍ପର୍କରେ ମହିଳାଙ୍କୁ ମଧ ପୋଲିସ ପଚରାଉଚରା କରିଥିଲା । ଏହି ଘଟଣାରେ ଅରୁଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସରକାରଙ୍କ ନିୟମ ଦୃଷ୍ଟିରୁ ୨ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଜେଲ୍‌ରେ ରହିଥିବାରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ।

# ସୁଟିଂରେ ଭାରତକୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ୨୫।୯ (ମହାଭାରତ): ଏସୀୟ କ୍ରୀଡ଼ା ୨୦୨୬ରେ ଆଜିର ଦିନଟି ଭଲ ଆରମ୍ଭ ହୋଇପାରି ନଥାନ୍ତା। ମାତ୍ର ଦୁଇ ମିନିଟ୍ ମଧ୍ୟରେ ଭାରତ ଦୁଇଟି ପଦକ ଜିତିଛି। ଏଥିରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଅନ୍ୟଟି ରୌପ୍ୟ। ଉଭୟ ପଦକ ସୁଟିଂରୁ। ଏହା ସହିତ ଭାରତୀୟ ଦଳ ଏସୀୟ କ୍ରୀଡ଼ା ପଦକ ତାଲିକାରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ମାରିଛି। ପୂର୍ବରୁ ଗୋଟିଏ ସ୍ୱର୍ଣ୍ଣ ସହିତ ୧୫ତମ ସ୍ଥାନରେ ଥିଲା, ଏବେ ଏହା ୧୨ତମ ସ୍ଥାନରେ ପହଞ୍ଚିଛି।

ଜାପାନରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରୁ ଭାରତ ପାଇଁ ଏକ ବଡ଼ ଖବର ଆସିଛି। ଭାରତ ସୁଟିଂରେ ଦୁଇଟି ପଦକ ଜିତିଛି। କମଲଜିତ୍ ଏବଂ ସୁରୁଚି ସିଂହଙ୍କ ଯୋଡ଼ି ସୁଟିଂରେ ଦେଶର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଭାରତୀୟ ତ୍ରିମୁର୍ତି ଚମତ୍କାର ପ୍ରଦର୍ଶନ କରି ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ୧୦ ମିଟର ଏୟାର ପିସ୍ତଲ୍ ମିଶ୍ରିତ ଦଳଗତ ଇଭେଣ୍ଟର ଫାଇନାଲରେ କମଲଜିତ୍ ଏବଂ ସୁରୁଚି ସିଂହଙ୍କ ଭାରତୀୟ ଯୋଡ଼ି ପୋଡିୟମ୍ ଉପରେ ଭାରତୀୟ ପତାକା ଉତ୍ତୋଳନ କରିବା ପାଇଁ ଦୃଢ଼ ଢଙ୍ଗରେ ଦକ୍ଷିଣ କୋରିଆର ଶକ୍ତିଶାଳୀ ଯୋଡ଼ିକୁ ପରାସ୍ତ କରିଥିଲେ। ଏହା ଏସୀୟ କ୍ରୀଡ଼ାରେ ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ।ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ସ ଦଳଗତ ଇଭେଣ୍ଟରେ ଐଶ୍ୱର୍ଯ୍ୟା ପ୍ରତାପ ସିଂହ ତୋମାର, ରୁଦ୍ରାକ୍ଷ ପାଟିଲ ଏବଂ ନୀରଜ କୁମାରଙ୍କ ଭାରତୀୟ ଦଳ ସଠିକ୍ ସୁଟିଂ ପ୍ରଦର୍ଶନ କରି ଭାରତର ତାଲିକାରେ ଏକ ରୌପ୍ୟ ପଦକ ଯୋଡିଥିଲେ। ଯୋଗ୍ୟତା ଏବଂ ଦଳଗତ ଇଭେଣ୍ଟ ଉଭୟରେ ସ୍ଥିରତା



ଦେଖାଇ, ଭାରତୀୟ ଶୁଟରମାନେ ଦ୍ୱିତୀୟ ସ୍ଥାନ ଅଧିକାର କଲେ ଏବଂ ପୋଡିୟମ ଉପରେ ଭାରତୀୟ ପତାକା ଉତ୍ତୋଳନ କଲେ। ସେମାନଙ୍କ ବିଜୟର ମାତ୍ର ଦୁଇ ମିନିଟ୍ ପରେ ଭାରତ ସୁଟିଂରେ ଆଉ ଏକ ପଦକ ଜିତିଲା। ଏଥର ସ୍ୱର୍ଣ୍ଣ ପଦକ ହାସଲ ହୋଇଛି।

ସକାଳ ଯୋଗ୍ୟତା ପର୍ଯ୍ୟାୟରୁ ହିଁ ଭାରତୀୟ ଶୁଟରମାନଙ୍କ ପ୍ରାଧାନ୍ୟ ସ୍ପଷ୍ଟ ହୋଇଥିଲା। କମଲଜିତ ଏବଂ ସୁରୁଚି ସିଂହ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ। ୫୮୭ ପଏଣ୍ଟରେ ଏକ ନୂତନ ଏସୀୟ ରେକର୍ଡ ସ୍ଥାପନ କରିଥିଲେ।

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



ଖବର

## କ୍ଷମାଶୀଳ ଭଗବାନ ବୁଦ୍ଧ



ଥରେ ଗୌତମ ବୁଦ୍ଧ ଉପଦେଶ ଦେଉଥାନ୍ତି-ମନୁଷ୍ୟ ଧରିତ୍ରୀ ମାତା ଭଳି କ୍ଷମାଶୀଳ ହେବା ଉଚିତ। କ୍ରୋଧ ଏକ ପ୍ରକାରର ଅଗ୍ନି । ତା'ଠାରୁ ଦୂରେଇ ରହିବା ରହିବା ଉଚିତ୍ । ନଚେତ୍ ଏହି ଅଗ୍ନି ଅନ୍ୟକୁ ଜଳାଇବା ସହ ନିଜକୁ ମଧ ଜଳାଇ ଦେଇଥାଏ । ବୁଦ୍ଧଙ୍କ ଏହି ଉପଦେଶ ଜଣେ କ୍ରୋଧୀ ବ୍ୟକ୍ତି ଶୁଣୁଥିଲା । କ୍ରୋଧ ବିରୋଧରେ ଉପଦେଶ ଲୋକଟିକୁ ଭଲ ଲାଗିଲା ନାହିଁ । ସେ ଛିଡ଼ା ହୋଇ କହିଲା, ହେ କପଟୀ ! ବଡ଼ ବଡ଼ କଥା କହୁଛୁ । ତୁ ଜନତାଙ୍କ ବ୍ୟବହାର ବିରୋଧରେ କଥାବାର୍ତ୍ତା କରୁଛୁ । ଲୋକଟିର କଥା ଶୁଣି ବୁଦ୍ଧ ଶାନ୍ତ ରହିଲେ । ଲୋକଟି ଅଧିକ ରାଗିଗଲା ଏବଂ ବୁଦ୍ଧଙ୍କ ପାଖକୁ ଆସି ତାଙ୍କୁ ଛେପ ପକାଇଲା । ପରଦିନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହ ଅନ୍ୟ ଏକ ଗ୍ରାମକୁ ଚାଲିଗଲେ । ଅପରପକ୍ଷରେ ଉକ୍ତ କ୍ରୋଧୀ ଲୋକଟି ସେତେବେଳକୁ ଶାନ୍ତ ହୋଇ ସାରିଥିଲା । ସେ ନିଜ କର୍ମ ପାଇଁ ପଶ୍ଚାତାପ କରୁଥିଲା । ସେ ବୁଦ୍ଧଙ୍କ ସନ୍ଧାନରେ ବାହାରିଗଲା । ଶେଷରେ ବୁଦ୍ଧ ଯେଉଁ ଗ୍ରାମରେ ଉପଦେଶ ଦେଉଥିଲେ, ସେଠାରେ ଲୋକଟି ପହଞ୍ଚିଲା । ଲୋକଟି ଯାଇ ବୁଦ୍ଧଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ମୋତେ କ୍ଷମା କରି ଦିଅନ୍ତୁ । ବୁଦ୍ଧ କହିଲେ, କ'ଣ ହେଲା ? ତୁମେ କିଏ ? କ୍ରୋଧୀ ଲୋକଟି ଆଶ୍ଚର୍ଯ୍ୟ ସହକାରେ କହିଲା, ଆପଣ ଭୁଲି ଯାଇଛନ୍ତି, ମୁଁ ସେହି ଦୁଷ୍ଟ ଯିଏ ଆପଣଙ୍କ ମୁହଁରେ ଛେପ ପକାଇଥିଲା । ନିଜର ଦୁଷ୍ଟ ଆଚରଣ ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି । ବୁଦ୍ଧ କହିଲେ, କାଲି କଥା ତ' ମୁଁ କାଲିରେ ହିଁ ଛାଡ଼ି ଆସିଛି । କିନ୍ତୁ ତୁମେ ଏପର୍ଯ୍ୟନ୍ତ ସେଇଠି ଅଛ । ତୁମେ ଏଯାଏଁ ଆଜିରେ ପ୍ରବେଶ କରି ନାହଁ କାଲି କଥା ଭାବି ବ ତ' ତୁମର ଆଜି ନଷ୍ଟ ହୋଇଯିବ । ସବୁ ଖରାପ କଥାକୁ ଯଦି ମନେ ରଖାଯାଏ, ତେବେ ବର୍ତ୍ତମାନ ଏବଂ ଭବିଷ୍ୟତ ଅଟକି ଯିବ । ଏମିତି ଜୀବନ କିପରି ଚାଲିବ ତୁମେ ବି ଆଜିକୁ ଚାଲିଆସ । ଲୋକଟି ବୁଦ୍ଧଙ୍କ କଥାର ମର୍ମ ବୁଝିପାରି ତାଙ୍କ ଶରଣାପନ୍ନ ହେଲା ।

## ଖଟ ତଳେ ରଖନ୍ତୁ ଏସବୁ ଜିନିଷ ଦୂର କରିବ ଅନେକ ସମସ୍ୟା

ଜନ୍ମ କୁଣ୍ଡଳୀରେ ଗ୍ରହ ଭଲ ସ୍ଥିତିରେ ଥିଲେ ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଗ୍ରହ ଖରାପ ସ୍ଥିତିରେ ରହିଲେ ଦୁର୍ଭାଗ୍ୟ ମାଡିଆସେ। ଗ୍ରହ ଦୋଷ କାରଣରୁ ଜୀବନରେ ନାନା ସମସ୍ୟା ଦେଖାଯିବା ସହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଖଟ ବା ବିଛଣା ତଳେ ଗ୍ରହ ଜଡିତ ଜିନିଷକୁ ରଖିଦେଲେ ଗ୍ରହ ଶାନ୍ତ ରହେ । ଯଦି ଆପଣ ମଧ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଗ୍ରହ ସହ ଜଡିତ ଉପାୟକୁ ଆପଣେଇ ସମସ୍ୟା ଦୂର କରିପାରିବେ।

♦ କୁଣ୍ଡଳୀରେ ସୂର୍ଯ୍ୟ ଦୋଷ ଥିଲେ ଖଟ ତଳେ ତମ୍ବା ପାତ୍ରରେ ପାଣି ଭରିକରି ରଖନ୍ତୁ । ତକିଆ ତଳେ ଲାଲ ଚନ୍ଦନର ଛୋଟ ଖଣ୍ଡ ରଖିଦିଅନ୍ତୁ । କୁଣ୍ଡଳୀରେ ସୂର୍ଯ୍ୟ ଦୋଷର ପ୍ରଭାବ ଦୂର ହୋଇଯିବ।

♦ କୁଣ୍ଡଳୀରେ ଚନ୍ଦ୍ର ଦୋଷ ଥିଲେ ଖଟ ତଳେ ରୂପା ପାତ୍ରରେ ପାଣି ଭରି କରି ରଖନ୍ତୁ ଅବା ରୂପାର ଅଳଙ୍କାର ରଖିଦିଅନ୍ତୁ । ଚନ୍ଦ୍ରଙ୍କ କୋପଦୃଷ୍ଟି ଦୂର ହୋଇଯିବ ।

♦ କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ଖଟ ତଳେ କଂସା ପାତ୍ରରେ ପାଣି ଭରି ରଖିଦିଅନ୍ତୁ। ଏପରି କରିବା ଦ୍ୱାରା ମଙ୍ଗଳ ଦୋଷ ଦୂର ହୁଏ ।

♦ କୁଣ୍ଡଳୀରେ ଗୁରୁ ଦୋଷ ଭୋଗୁଥିଲେ ତକିଆ ତଳେ ଏକ କପଡାରେ ଗୋଟା ହଳଦୀର ବାନ୍ଧି ରଖିଦିଅନ୍ତୁ । ହଳଦୀ ଗୁରୁଦୋଷ ପ୍ରଭାବ ଦୂର କରିବାରେ ସହାୟକ ହୋଇଥାଏ।



## ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ। ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ। ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି। ଜାଣନ୍ତୁ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.

■ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ। ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଇଙ୍କୁ ଖାଇବାକୁ ଦିଅନ୍ତୁ।

■ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ।



■ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ।

■ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ ବୃକ୍ଷ ନିକଟରେ ରଖନ୍ତୁ।

■ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ।

## ନିମିଙ୍କ ଶରୀର ମନ୍ଥନରୁ ଜନକଙ୍କ ଜନ୍ମ



ରାଜା ନିମି ଓ ମହର୍ଷି ବଶିଷ୍ଠ ଉଭୟେ ଉଭୟଙ୍କୁ ଅଭିଶାପ ଦେବା ପରେ ଏଥିରୁ ମୁକ୍ତି ପାଇବା ପାଇଁ ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା କହିଲେ, ବତ୍ସ ! ତୁ ବ୍ରହ୍ମଜ୍ଞାନୀ ଓ ମୋର ମାନସପୁତ୍ର ହୋଇ କ୍ରୋଧରେ ଅଜ୍ଞାନ ହୋଇ ନିର୍ଦ୍ଦୋଷ ରାଜାଙ୍କୁ ଅଭିଶପ୍ତ କଲୁ । ତୁ ବ୍ରାହ୍ମଣ ହୋଇ ନିଜର ହିତାହିତ ବିଚାରକୁ ପାସୋରି ଦେଲୁ। ତୁ ଲୋଭାସକ୍ତ ହୋଇ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାକୁ ଗଲୁ । ନିମି କେତେ ବ୍ରହ୍ମରଷିଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ କ'ଣ ତୋତେ ଅପେକ୍ଷା କରିଥାନ୍ତେ ? ତୁ ଯେପରି କର୍ମ କରିଛୁ ସେହିପରି ଫଳପ୍ରାପ୍ତି ହେଲୁ । ଏବେ ମୋର ଆଜ୍ଞା ମାନି ମିତ୍ର ବରୁଣଙ୍କପୁରକୁ ଯାଇ ତାଙ୍କ କୁମ୍ଭରେ ବୁଡ଼ିକରି ଆସିବୁ। ତାହା ହେଲେ, ତୋ ବ୍ରହ୍ମଜ୍ଞାନ ତୋ ନିକଟକୁ ଫେରି ଆସିବ । କିନ୍ତୁ ନିମିଙ୍କ ଶାପରୁ ତୁ ସର୍ବଦା ସୂର୍ଯ୍ୟବଂଶର କୁଳଗୁରୁ ହୋଇ ରହିବୁ । ସେହି ବଂଶର ଯାହା କାର୍ଯ୍ୟ ହେବ ଶେଷ କରି ସାରିଲେ ଅନ୍ୟତ୍ର ଯିବୁ। ତା ନ କଲେ ମୋ ପାଖକୁ ଆଉ ଆସିବୁ ନାହିଁ । ବଶିଷ୍ଠ ନିଜ ପିତାଙ୍କ ଆଜ୍ଞାକୁ ମାନି ନେଲେ ଓ ତାଙ୍କ ବ୍ରହ୍ମଜ୍ଞାନ ଚେତନା ପୁନଶ୍ଚ ଫେରି ପାଇଲେ । ନିମି ରାଜା ବଶିଷ୍ଠଙ୍କ ଅଭିଶାପରେ ସର୍ବଦା ଚେତନାହୀନ ହୋଇ ଶୟନ କରି ରହିଲେ । ଏହା ଦେଖି ସମସ୍ତ ବ୍ରହ୍ମର୍ଷି ଦୁଃଖିତ ହୋଇ ନିମିଙ୍କର ଚେତନାହୀନ ଶରୀରକୁ ନେଇ ଯଜ୍ଞ ଶେଷ କଲେ। ସେହି ବ୍ରହ୍ମର୍ଷିମାନେ ନିଜେ ନିଜର କିଛି କିଛି ତପଃ ବଳ ଦେଇ କହିଲେ, ନିମିଙ୍କର ମଙ୍ଗଳ ହେଉ। ସର୍ବରଷିଙ୍କ ତପଃ ପ୍ରଭାବରେ ନିମିଙ୍କ ଉପରେ ସ୍ୱର୍ଗପୁରର ଅମରଗଣ ସନ୍ତୁଷ୍ଟ ହୋଇ ନିମିଙ୍କ ଚେତନାକୁ ଜାଗ୍ରତ କଲେ । ଦେବଗଣ କହିଲେ ହେ ରାଜା ! ତୁମ୍ଭେ ଯାହା ମାଗିବ ଆମ୍ଭେମାନେ ତାହା ଦେବୁ। କିନ୍ତୁ ନିମିଙ୍କ ଚେତନା ଜାଗ୍ରତ ହୋଇ କହିଲେ ହେ ଦେବଗଣ ! ଯେବେ ଯାଚିକରି ବରଦାନ କରୁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ, ଯେପରି ଏହି ଜଗତର ସମସ୍ତ ପ୍ରାଣୀଙ୍କ ନେତ୍ରରେ ମୁଁ ବାସ କରିପାରିବି ଏବଂ ସର୍ବଦା ବାୟୁ ରୂପରେ ମୁଁ ବନ୍ଦ ହେଉଥିବି ଓ ଖୋଲୁଥିବି। ତା'ର ନାମ ହେବ (ଆଖିର ପଲକ ପଡ଼ିବା କିମ୍ବା ପିଛୁଳା ପଡ଼ିବା) ଆଖିର ପଲକ । ଦେବତାମାନେ ତଥାସ୍ତୁ କହି ଅନ୍ତର ହେଲେ। ସେହିଦିନରୁ ନିମିଙ୍କ ଚେତନା ସର୍ବଜନଙ୍କ ନେତ୍ରରେ ପିଛୁଳା ହୋଇ ବସିଲେ । ଯେଉଁ ଧର୍ମକାର୍ଯ୍ୟ ଜୀବମାନଙ୍କ ନେତ୍ର ସେହିଦିନୁ ଦେଖୁଛି। ନିମି ତାହା ପ୍ରାପ୍ତ ହେଉଛନ୍ତି । ନିମି ଏହି ଗତି ଲାଭ କଲା ପରେ ଋଷିମାନେ ତାଙ୍କ ପିଣ୍ଡକୁ ଆଣି ବେଦମନ୍ତ୍ରରେ ପୁତଃକରି ଯଜ୍ଞକୁଣ୍ଡରେ ଭର୍ତ୍ତି କଲେ ଓ ମନ୍ତ୍ରପାଠ କରି ମନ୍ଥନ କଲେ। ସେହିପରି ମନ୍ଥନ କରିବା ଦ୍ୱାରା ସେଥିରୁ ଏକ ଜ୍ୟୋତିର୍ମୟ ପୁରୁଷ ବାହାର ହେଲେ। ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଦେଖି ଋଷିଗଣ କହିଲେ, ନିମିଙ୍କ ଶରୀର ମନ୍ଥନ କରିବାକୁ ଏହି ପୁରୁଷଜାତ ହୋଇଛନ୍ତି । ଇଏ ନିମିଙ୍କ ସନ୍ତାନ ରୂପେ ଚିହ୍ନିତ ହେବେ। ଏହି ଦିବ୍ୟପୁରୁଷ ଅଯୋନି ସମ୍ଭୁତ ଅଟନ୍ତି। ତେଣୁ ଏହାଙ୍କ ନାମ ମିଥିଳା ଜନକ ହେଉଛି। ନିମିଙ୍କ ଶରୀର ମନ୍ଥନ ହେତୁ ନାମ ମିଥିଳା ଜନକ ହେଲା। ଅନ୍ୟ କେତେକ ଋଷି କହିଲେ ନିମିଙ୍କ ଶରୀର ମଧ୍ୟରେ ପ୍ରାଣ ନ ଥିଲା। ନିମି ବିଦେହ ଅଟନ୍ତି । ତେଣୁ ଏହି ବୈଜୟନ୍ତୀ ପୁରକୁ ବିଦେହ ନଗର ନାମରେ ନାମିତ କରାଯାଉ । ଋଷିମାନେ ତାଙ୍କୁ କଲ୍ୟାଣ କଲେ । ସେହି ଦିବ୍ୟପୁରୁଷ ଅଯୋନି ହେତୁ ଋଷିମାନେ ତାଙ୍କୁ କଲ୍ୟାଣ କଲେ, ତୁମ୍ଭେ ସକଳ ଶାସ୍ତ୍ର ପୁରାଣରେ ପଣ୍ଡିତ ହୁଅ । ତୁମ୍ଭର ଯଶଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଯାଉ। ଋଷିମାନେ ମିଥିଳା ଜନକଙ୍କୁ ନିମିଙ୍କ ପୁତ୍ର ରୂପରେ ନାମିତ କରାଇ ବିଦେହ ରାଜ୍ୟରେ ରାଜା ରୂପରେ ଅଭିଷିକ୍ତ କରାଇଲେ। ଯେଉଁ ସ୍ଥାନରେ ନିମି ଶରୀର ମନ୍ଥନ କରିଥିଲେ, ସେହି ସ୍ଥାନକୁ ମିଥିଳା ନାମରେ ନାମିତ କରି ତାହାକୁ ବିଦେହର ରାଜଧାନୀ କରି ଋଷିମାନେ ଜନକଙ୍କୁ ଆଶୀର୍ବାଦ ଦେଇ ବିଦାୟ ନେଲେ।

## ହନୁମାନଙ୍କୁ ଶନିଦେବଙ୍କ ଆଶୀର୍ବାଦ

କୁହାଯାଏ ଯେ, ରାମଭକ୍ତ ହନୁମାନ ଧରାପୃଷ୍ଠରେ ବିଚରଣ କରନ୍ତି । ଭଗବାନ ହନୁମାନ ହେଉଛନ୍ତି କଳିଯୁଗରେ ଏକମାତ୍ର ଜୀବିତ ଦେବତା । ଭଗବାନ ହନୁମାନ ବହୁତ୍ ଶୀଘ୍ର ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତି । ଯେଉଁ ଭକ୍ତ ସ୍ୱଚ୍ଛ ମନରେ ହନୁମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ମରଣ କରେ,



ଯଥାଶୀଘ୍ର ସେହି ବ୍ୟକ୍ତିର ମନୋସ୍କାମନା ପୂରଣ ହୋଇଥାଏ। ଏହା ସହ ସଂକଟ ମୋଚନଙ୍କ ନାମ ଜପ କରିବା ଦ୍ୱାରା ସବୁ ସଂକଟ ଦୂର ହୋଇଥାଏ। ଖରାପ ସମୟରେ ହନୁମାନଙ୍କ ନାମ ଜପ କରିବା ଦ୍ୱାରା ସବୁ ସମସ୍ୟା ଦୂର ହୋଇଥାଏ । ଯେଉଁ ଭକ୍ତ ନିୟମିତ ହନୁମାନ ଚାଳିଶା ପାଠ କରେ ତା ଉପରେ ହନୁମାନଙ୍କ କୃପା ସର୍ବଦା ରହିଥାଏ। ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଓ ଶୁଣିବା ଦ୍ୱାରା ବୁଦ୍ଧି ଓ ବିଦ୍ୟା ଜାଗୃତ ହୋଇଥାଏ। ଯେଉଁ ଭକ୍ତ ପ୍ରତ୍ୟେକ ମଙ୍ଗଳବାର ବ୍ରତ ରଖିବା ସହ ଭଗବାନ ହନୁମାନଙ୍କ ବିଶେଷ ପୂଜା ଓ ଆରାଧନା କରେ, ସେହି ବ୍ୟକ୍ତି ହନୁମାନଙ୍କ କୃପା ସର୍ବଦା ଲାଭ କରିଥାଏ । ମଙ୍ଗଳବାର ବ୍ୟତିତ ଶନିବାର ଦିନ ବଜରଙ୍ଗବାଲୀଙ୍କୁ ପୂଜା କରାଯାଏ । ଏହାର କାରଣ ହେଉଛି ପୌରାଣିକ ବିଷୟବସ୍ତୁ ଅନୁଯାୟୀ ବଜରଙ୍ଗବାଲୀ ଶନିଦେବତାଙ୍କୁ ଏକ ଯୁଦ୍ଧରେ ପରାସ୍ତ କରିଥିଲେ। ସେହି ଦିନ ଶନିଦେବ ବଜରଙ୍ଗବାଲୀଙ୍କୁ ଆଶୀର୍ବାଦ ଦେଇଥିଲେ ଯେ, ଯେଉଁ ବ୍ୟକ୍ତି ଶନିବାର ହନୁମାନଙ୍କୁ ପୂଜା କରିବ ସେହି ବ୍ୟକ୍ତି ଉପରେ କଦାପି ଶନିକୋପ ପଡ଼ିବ ନାହିଁ।

# ଶ୍ରୀକ୍ଷେତ୍ର ତୀର୍ଥଯାତ୍ରାରେ ୯୧୦ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୨୫।୯ (ମହାଭାରତ):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା, ମହିଳା ଓ ଶିଶୁ ବିକାଶ,ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

ଉଦ୍‌ଘାଟନୀ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର



ସୁଯୋଗ ସୃଷ୍ଟି ହୋଇଛି। ତୀର୍ଥଯାତ୍ରୀମାନେ ପୁରୀ ସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି। ଆଜିର ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ, ସେଥିମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ପ୍ରତି ବସରେ , ୩୫ ଜଣ ତୀର୍ଥଯାତ୍ରୀମାନଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଏବଂ ୧ ଜଣ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି।

ଏହି ଯୋଜନନା ମଧ୍ୟରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଏହି ଯୋଜନା ଅଧୀନରେ ନିଜ ପଂଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଏବଂ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି।

କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ଶ୍ରୀ ରୁଦ୍ର ପ୍ରସନ୍ନ ସାହୁ ଏବଂ ଓଏସଆରଟିସି ର ମହାପ୍ରବନ୍ଧକ ଶ୍ରୀ ଦେବବ୍ରତ ମଲ୍ଲିକ ଉପସ୍ଥିତ ଥିଲେ। ଏହାସହିତ ମାଲକାନଗିରି ବିଧାୟକ ଶ୍ରୀ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ମଙ୍ଗୁ ଖିଲ, କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ଓଏସଆରଟିସି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀ ଏବଂ ତୀର୍ଥଯାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ୟୁପିଆଇ ବ୍ୟବହାର ଉପରେ ଟ୍ୟାକ୍ସକୁ ନେଇ ବର୍ଷିଲା କଂଗ୍ରେସ

**ଭୁବନେଶ୍ୱର,୨୫।୯ (ମହାଭାରତ):** ୟୁପିଆଇ ବ୍ୟବହାର ଉପରେ ଟ୍ୟାକ୍ସକୁ ନେଇ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇ, ଓପିସିସି ସଭାପତି ଭକ୍ତ ଚରଣ ଦାସ ବିଜେପି ସରକାର ଉପରେ ବର୍ଷିଛନ୍ତି। ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ୟୁନିଫାଇଡ୍ ପେମେଂଟେସ୍ ଇଂଟରଫେସ୍ ବା ୟୁପିଆଇ ଆଜିକାଲି ସାଧାରଣ ଲୋକଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି, ହେଲେ ଏହା ସହିତ ଜଡ଼ିତ ସାମ୍ପ୍ରତିକ ସମସ୍ୟା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି। ସରକାର ପ୍ରଥମେ ନଗଦମୁକ୍ତ କାରବାରର ପ୍ରତିଶ୍ରୁତି ଦେଇ ଡିଜିଟାଲ୍ ପେମେଂଟକୁ ପ୍ରୋତ୍ସାହନ ଦେଇଥିଲେ, କିନ୍ତୁ ଏବେ ବିଭିନ୍ନ ୱାଲେଟ୍ ଓ ପ୍ଲାଟଫର୍ମ କାରବାର ଉପରେ ଲୁକ୍କାୟିତ ଚାର୍ଜ ଓ ଅତିରିକ୍ତ ଶୁଳ୍କ ଲଗାଯାଉଥିବାରୁ ଏହା ଛୋଟ ଦୋକାନୀ, ପରିବା ବିକ୍ରେତା ଏବଂ ସାଧାରଣ ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଇ ଦେଇଛି। ସବୁଠାରୁ ମାରାତ୍ମକ ବିଷୟ ହେଉଛି, ବର୍ତ୍ତମାନ ସମୟରେ ବଢ଼ି ଚାଲିଥିବା ୟୁପିଆଇ ସାଇବର ଠକେଇ ଓ ଫିସିଂ ସ୍କାମର ଶିକାର ଗ୍ରାମାଂଚଳର ଅପାଠୁଆ ଏବଂ ସରଳ ଲୋକମାନେ ହିଁ ହେଉଛନ୍ତି। ବ୍ୟାଙ୍କ କିମ୍ବା ପ୍ରଶାସନ




ତରଫରୁ ତୁରନ୍ତ ସହାୟତା ବା ଅଭିଯୋଗର ସମାଧାନ ନ ମିଳିବା କାରଣରୁ ଜଣେ ସାଧାରଣ ନାଗରିକ ତାର ରକ୍ତଝାଳ ବୁହା ଧନ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇପଡୁଛି ।ପ୍ରଥମେ ମାଗଣାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଜାଲରେ ଫସାଅ, ଆଉ ତା'ପରେ ସେମାନଙ୍କ ରକ୍ତଝାଳ ବୁହା ଧନ ଉପରେ ଟ୍ୟାକ୍ସ ବସାଅ ! ଏହି ଜନବିରୋଧୀ ନିଷ୍ପତି ଯୋଗୁଁ ଆମର ସାଧାରଣ ଗ୍ରାହକ ଏବଂ ଖୁଚୁରା ବ୍ୟବସାୟୀମାନେ ହିଁ ସବୁଠାରୁ ବେଶୀ ହଇରାଣ ହେବେ, ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ। କଂଗ୍ରେସ ଦଳ ଏହି 'ବେପାରୀ ନୀତି' କୁ କଦାପି ବରଦାସ୍ତ କରିବ ନାହିଁ। ଆମେ ଗରିବଙ୍କ ହକ୍ ପାଇଁ ରାଜପଥକୁ ଓହ୍ଲାଇବୁ ବୋଲି ସଭାପତି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଏହି ସରକାର ଏକ ମିଛୁଆ ସରକାର। ଖୋଦ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଗଷ୍ଟ ୬ ଓ ୧୦ରେ ଦୁଇଥର ପାର୍ଲାମେଣ୍ଟରେ କହିଥିଲେ, ସେପରି କିଛି ନାହିଁ।

# ସରକାରୀ ସ୍ତରରେ ବିଭିନ୍ନ ମାମଲାର ସମାଧାନ କର

**ଭୁବନେଶ୍ୱର,୨୫।୯ (ମହାଭାରତ):** ଜିଲ୍ଲା ତଥା କ୍ଷେତ୍ର ସ୍ତରରୁ ବିଭାଗକୁ ପଠାଯାଉଥିବା ବିଭିନ୍ନ ସ୍ପଷ୍ଟୀକରଣ, ଆଇନଗତ ମାମଲା ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକର ସମ୍ପୂର୍ଣ୍ଣ ସମୀକ୍ଷା, ତଥ୍ୟ ଯାଂଚ ଏବଂ ସମୟଭିତିକ ଅନୁଧ୍ୟାନ ନିଶ୍ଚିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ବିନା ପର୍ଯ୍ୟାପ୍ତ ସମୀକ୍ଷା, ଅସମ୍ପୂର୍ଣ୍ଣ ତଥ୍ୟ କିମ୍ବା ଆବଶ୍ୟକୀୟ ଦସ୍ତାବିଜ୍ ବିନା ପ୍ରସ୍ତାବ ପଠାଯାଉଥିବାରୁ ବାରମ୍ବାର ଚିଠି ଆଦାନପ୍ରଦାନ ହେବା ସହ କାର୍ଯ୍ୟ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ ଲକ୍ଷ୍ୟ କରାଯାଇଛି । ଏହାକୁ ରୋକିବା ପାଇଁ ବିଭିନ୍ନ ଦିଗଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି ।

ପ୍ରତ୍ୟେକ ପ୍ରସ୍ତାବରେ ଘଟଣାର ପୂରା ପୃଷ୍ଠଭୂମି, ସମ୍ପୃକ୍ତ ଆଇନ ତଥା ନିୟମ, ଏହାର ବିଶ୍ଳେଷଣ ଏବଂ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମତାମତ ଓ ସୁପାରିଶ୍ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ଅଦାଲତ ମାମଲାର ସମୟଭିତିକ ପରିଚାଳନା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇ ଅଦାଲତଙ୍କ ଆଦେଶ, ଆଇନଗତ ସମୟସୀମା କିମ୍ବା ଅଦାଲତ ଅବମାନନା ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଶେଷ ମୁହୂର୍ତ୍ତରେ ନପଠାଇ ଯଥେଷ୍ଟ ପୂର୍ବରୁ ବିଭାଗକୁ ପଠାଇବାକୁ କୁହାଯାଇଛି । ଏଥିରେ କୌଣସି ପ୍ରକାରର ବିଳମ୍ବକୁ ଗ୍ରହଣ କରାଯିବ ନାହିଁ ।

ଓଡ଼ିଶା ଉଚ୍ଚନ୍ୟାୟାଳୟରେ ରିଟ୍ ଅପିଲ୍ କିମ୍ବା ସୁପ୍ରିମ୍ କୋର୍ଟରେ ଏସଏଲପି ଦାଖଲ ପାଇଁ ଆଇନ ବିଭାଗର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଯେଉଁ ସବୁ କ୍ଷେତ୍ରରେ ସରକାରୀ ନିୟମ କିମ୍ବା ମାର୍ଗଦର୍ଶିକା ସ୍ପଷ୍ଟ ରହିଛି, ସେଠାରେ ଅନାବଶ୍ୟକ ଭାବେ ସ୍ପଷ୍ଟୀକରଣ ପାଇଁ ବିଳମ୍ବ ନ କରି ଜିଲ୍ଲା ସ୍ତରରେ ନିଜେ ବିଶ୍ଳେଷଣ କରି ବିଚାରପୂର୍ବକ ନିଷ୍ପତି ନେବାକୁ କୁହାଯାଇଛି । ସମସ୍ତ ଚିଠିପତ୍ର ବିଭାଗର ଅଫିସିଆଲ୍ ଇ-ମେଲ୍ ମାଧ୍ୟମରେ ପଠାଯିବା ସହ ଅତ୍ୟନ୍ତ ଜରୁରୀ ପରିସ୍ଥିତିରେ ଆବଶ୍ୟକ ନଥିପତ୍ର ଦାଖଲ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅସମ୍ପୂର୍ଣ୍ଣ କିମ୍ବା ବିଳମ୍ବରେ ପ୍ରସ୍ତାବ ପଠାଇବା ଯୋଗୁଁ ଯଦି କୌଣସି ଆଇନଗତ କିମ୍ବା ପ୍ରଶାସନିକ ସମସ୍ୟା ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ସ୍ତରରେ ପ୍ରସ୍ତାବଗୁଡ଼ିକର ଯାଂଚ ଓ ନିୟମିତ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରୋଜଗାର ମେଳାରେ ୫୧ ହଜାର ନିଯୁକ୍ତିପତ୍ର ପ୍ରଦାନ

**ଭୁବନେଶ୍ୱର,୨୫।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଂଶତମ 'ରୋଜଗାର ମେଳା'ରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ଯୁବକ-ଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କ୍ରମରେ ଭୁବନେଶ୍ୱର ଏବଂ କଟକରେ ଦୁଇଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କର ଆୟକର ବିଭାଗ, ଓଡ଼ିଶା ଶାଖା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୦ ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଆୟକର ବିଭାଗ, ଡାକ ବିଭାଗ, ସିଆଇଏସଏଫ ଏବଂ ବିଭିନ୍ନ ସରକାରୀ ବ୍ୟାଙ୍କରେ ଏହି ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି, ରୋଜଗାର ମେଳା



ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଚଳିତ ଥର ଏହି ମେଳା ଦେଶର ୪୫ଟି ସ୍ଥାନରେ ୫୧ ହଜାର ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି । ସରକାରୀ ସେବାରେ ନୂତନ ନିଯୁକ୍ତି ପ୍ରଦାନ କରିବା ଏବଂ ନବନିଯୁକ୍ତ କର୍ମଚାରୀମାନଙ୍କୁ ଦେଶସେବାରେ ସାମିଲ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ନବନିଯୁକ୍ତ ପ୍ରାର୍ଥୀମାନେ ଦାୟିତ୍ୱବାନ ଭାବେ ରାଷ୍ଟ୍ର ଗଠନରେ ସହାୟକ ହେବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ଅନୁରୂପ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ହାତରେ ଏକ ବଡ ଦାୟିତ୍ୱ ରହିବ । ଆଜି ମିଳିଥିବା ନିଯୁକ୍ତିକୁ ଏକ ଦାୟିତ୍ୱ ରୂପେ ଗ୍ରହଣ କରିବା ସହିତ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି କେନ୍ଦ୍ର ମନ୍ତ୍ରୀ ଅପିଲ୍ କରିଥିଲେ। ମୁଖ୍ୟ ଆୟକର କମିଶନର ସରୋଜ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ମୋଟ ୧୬୧ ଜଣ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିଛନ୍ତି । ରେଳ ବିଭାଗରେ ୩୭, ଏମ୍ସରେ ୪୧, ଡାକ ବିଭାଗରେ ୩୦, ସିଜିଏସଟି ଭୁବନେଶ୍ୱରରେ ୨୨, ଆୟକର ବିଭାଗରେ ୧୦, ଇଏସଆଇସିରେ ୮ ଜଣଙ୍କୁ ନିଯୁକ୍ତି ମିଳିଛି । ସେହିପରି କେନ୍ଦ୍ରୀୟ ଭୂଜଳ ବୋର୍ଡରେ ୪, ଆର୍ଥିକ ସେବାରେ ୩, ସିଆଇଏସଏଫ ଓ ଶିକ୍ଷା ମନ୍ତ୍ରଣାଳୟରେ ୨ ଜଣ ଲେଖାଏଁ, ସିଜିଡିଏ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋଜଗାର ମେଳାର ଉଦ୍ଦେଶ୍ୟକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କମଲେଶ ପାଶୱାନ ପ୍ରତିକ୍ରିୟା ରଖି ନବନିଯୁକ୍ତଙ୍କୁ କହିଛନ୍ତି, ନବନିଯୁକ୍ତମାନେ ପ୍ରାର୍ଥୀମାନେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଲାଗି ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଆବଶ୍ୟକ ।

# ମହାନଦୀ ଜଳ ବିବାଦର ସୃଷ୍ଟିକର୍ତ୍ତା ଛତିଶଗଡ

**ଭୁବନେଶ୍ୱର,୨୫।୯ (ମହାଭାରତ):** ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏଙ୍କ ଦୁଇ ଦିନିଆ ଓଡିଶା ଗସ୍ତ ଅବସରରେ ମହାନଦୀ ଜଳ ବିବାଦ କୌଣସି ବିବାଦ ନୁହେଁ ବୋଲି ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ପ୍ରକାଶ କରିଛି । ଛତିଶଗଡ଼ ରାଜ୍ୟ ମହାନଦୀ ଜଳ ବିବାଦର ସୃଷ୍ଟିକର୍ତ୍ତା ହୋଇଥିବା ବେଳେ ଓ ଦୀର୍ଘ ଦିନ ଧରି ଏହି ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲରେ ଲଢେଇ ଜାରି ରହିଥିବା ବେଳେ, ଏହା କୌଣସି ବିବାଦ ନୁହେଁ ବୋଲି ଦେଇଥିବା ମନ୍ତବ୍ୟ, ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଓଡିଶା ସରକାର ରାଜ୍ୟର ସ୍ୱାର୍ଥ ସହିତ ସାଲିସ କରିବେ ନାହିଁ ତ ବୋଲି ସନ୍ଦେହ ଉପୁଜିଛି ବୋଲି ବିଜେଡି କହିଛି ।ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ପ୍ରତାପ ଜେନା କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏଙ୍କ ଓଡିଶା ଗସ୍ତ ଓ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ । କିନ୍ତୁ, ମହାନଦୀ ଜଳ ବିବାଦ କୌଣସି ବିବାଦ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ । ବାସ୍ତବରେ, ମହାନଦୀ ଜଳ ବିବାଦର ସୃଷ୍ଟିକର୍ତ୍ତା ହେଉଛି ଛତିଶଗଡ଼ । ବେଆଇନ ଭାବେ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ଦ୍ୱାରା ଅନେକ ବ୍ୟାରେଜ ନିର୍ମାଣ ଯୋଗୁ ଓଡ଼ିଶାର ମହାନଦୀରେ ଜଳ ସଙ୍କଟ ଦେଖା ଦେଇଛି । ଏହି ବିବାଦର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଟ୍ରିବ୍ୟୁନାଲ ଗଠନ ହୋଇ ଏହାର ବିଚାର ଚାଲିଛି । ଛତିଶଗଡ଼ ଦ୍ୱାରା ନିର୍ମାଣ ହୋଇଥିବା ବ୍ୟାରେଜ ଗୁଡିକୁ ବେଆଇନ ଘୋଷଣା



କରାଯାଉ ବୋଲି ଓଡିଶା ଦାବି କରି ଆସୁଛି । ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ବିଜେପି ନେତା ମାନେ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଯୁକ୍ତି ବାଢୁଛନ୍ତି । କିନ୍ତୁ, କେଉଁ ଆଧାରରେ ଆପୋଷ ଆଲୋଚନା ହେବ ସେନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ । ସମାଧାନର ରାସ୍ତା ବାହାର କରିବା ସମୟରେ ଓଡ଼ିଶାର ସ୍ୱାର୍ଥ ହାନୀ ହେବ ନାହିଁ ତ ବୋଲି ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି।

ଶ୍ରୀ ଜେନା କହିଥିଲେ, ଏହି ପରିପ୍ରେକ୍ଷୀରେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏ ଦୀର୍ଘ ଦିନର ଏହି ବିବାଦକୁ ଏହା କୌଣସି ବିବାଦ ନୁହେଁ ବୋଲି ମନ୍ତବ୍ୟ ଦେବା ବୁଦ୍ଧିଜୀବୀ ମହଲକୁ ଆଶ୍ଚର୍ଯ୍ୟ କରିଛି । ଶ୍ରୀ ସାଏଙ୍କ ମନ୍ତବ୍ୟରୁ ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ କରାଯାଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ଡବଲ ଇଞ୍ଜିନ ସରକାର କଥା କୁହାଯାଇଥିଲା, ଏବେ ଟ୍ରିପଲ ଇଞ୍ଜିନ ସରକାର ଅଛି । କିନ୍ତୁ, ବିଜେପି ସରକାରକୁ ଆସିବାର ଅଢେଇ ବର୍ଷ ବିତି ଯାଇଥିଲେ ମଧ ମହାନଦୀ ସମସ୍ୟା ଯେଉଁଠି ଥିଲା ସେଇଠି ଅଛି । ଅପରପକ୍ଷରେ, ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ ହେବା ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି । ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଗଲା, ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ ଓଡ଼ିଶାର ସ୍ୱାର୍ଥକୁ ବଳି ଦିଆଗଲା । ଏବେ, ମହାନଦୀର ପାଳି । ଅଣମୌସୁମୀ ସମୟରେ ଓଡିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବା ନେଇ ନିଶ୍ଚିତ ହେବା ଓ ଛତିଶଗଡ଼ ଦ୍ୱାରା ତିଆରି କରା ଯାଇଥିବା ବ୍ୟାରେଜ ଗୁଡିକୁ ବେଆଇନ ଘୋଷଣା ହେବା ପାଇଁ ବିଜେଡି ଦାବି କରି ଆସୁଥିଲା ।

# ସୋଆ ଛାତ୍ରୀଙ୍କୁ ଆଇସିଏମ୍ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଂଟ

**ଭୁବନେଶ୍ୱର,୨୫।୯ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍ (ଆଇଡିଏସ୍)ର ଦୁଇଜଣ ସ୍ନାତକୋତର ଛାତ୍ରୀ ୨୦୨୬ ପାଇଁ ଆଇସିଏମ୍ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଂଟ ନିମନ୍ତେ ମନୋନୀତ ହୋଇଛନ୍ତି। ଏକାଡେମିକ୍ ଉତ୍କର୍ଷତା ଓ ଗବେଷଣା ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନଜନକ ଗ୍ରାଂଟ ପ୍ରଦାନ କରାଯାଇଛି। ଡାକ୍ତର ସିଦ୍ଧି ପଟ୍ଟନାୟକ ଓ ଡାକ୍ତର ସୋହିନୀ ନିୟୋଗୀ ସେମାନଙ୍କ ସ୍ନାତକୋତର ଗବେଷଣା କାର୍ଯ୍ୟ ପାଇଁ ଏହି ଗ୍ରାଂଟ ପାଇଛନ୍ତି। ଏହା ଉଭୟ ଛାତ୍ରୀଙ୍କ ସହ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ମଧ୍ୟ ଏକ ଉଲ୍ଲେଖନୀୟ ସଫଳତା। ଏହି ଗବେଷଣା ପ୍ରକଳ୍ପଗୁଡ଼ିକ ଆଇଡିଏସର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ଏବଂ ଡାକ୍ତର ମନୀଷା ଦାସଙ୍କ ମାଗଦର୍ଶନରେ ଚାଲିଛି। ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର



(ଡକ୍ଟର) ମନୋଜରଞ୍ଜନ ନାୟକ ଉଭୟ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସଫଳତାର ପ୍ରଶଂସା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସଫଳତା ଦନ୍ତ ଚିକିତ୍ସା ବିଜ୍ଞାନରେ ଗବେଷଣା, ବୈଜ୍ଞାନିକ ଅନୁସନ୍ଧାନ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଦିଗରେ ଆଇଡିଏସ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ଛାତ୍ରୀମାନଙ୍କୁ ଅଧିକ ପ୍ରଭାବଶାଳୀ ଗବେଷଣା କରିବା ସହ ମୁଖ ସ୍ୱାସ୍ଥ୍ୟସେବାର ଉନ୍ନତି ନିମନ୍ତେ ପ୍ରେରଣା ଯୋଗାଇବ।

# ଇଣ୍ଡିଆ ମୋବାଇଲ କଂଗ୍ରେସ ପ୍ଲାଟଫର୍ମର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୯ (ମହାଭାରତ):** ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ଆଧାର କରି ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬ 'ବିକଶିତ ଟେକ୍ ୪୭'ର ପ୍ରଥମ ସଂସ୍କରଣ ଘୋଷଣା କରିଛି। ଯାହା ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି ବ୍ରାଣ୍ଡ, ନେତା ଏବଂ ସେହି ଅଭିଳାଷକୁ ଆଗକୁ ନେଉଥିବା ସକ୍ଷମକାରୀଙ୍କୁ ଚିହ୍ନଟ, ସ୍ୱୀକୃତି ଏବଂ ନିର୍ମାଣ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ । ଏହି ପଦକ୍ଷେପ ଆଇଏମସିର ଦଶମ ସଂସ୍କରଣର ଏକ ଅଂଶ ହେବ, ଯାହା ୭-୧୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବାକୁ ଯାଉଛି । ଟେକ୍ନୋଲୋଜି ଆନାଲିଟିକ୍ସ, ଅନୁସନ୍ଧାନ ଏବଂ ପରାମର୍ଶଦାତା ସଂସ୍ଥା ଟେକାର୍କ ଏହି ପଦକ୍ଷେପ ପାଇଁ ଗବେଷଣା ଅଂଶୀଦାର ଭାବରେ କାର୍ଯ୍ୟ କରିବ। ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସିଇଓ ରାମକୃଷ୍ଣ ପି. କହିଛନ୍ତି, 'ଭାରତରେ ବୈଷୟିକ ପ୍ରତିଭା କିମ୍ବା ଅଭିଳାଷର ଅଭାବ ନାହିଁ, ଆମର ଯାହା ଅଭାବ ତାହା ହେଉଛି ଏକ ପ୍ଲାଟଫର୍ମ ଯାହା ଆମ କମ୍ପାନୀଗୁଡ଼ିକୁ କେବଳ ସ୍ଥାନୀୟ ନୁହେଁ, ବିଶ୍ୱସ୍ତରରେ ଚିନ୍ତା କରିବା ଏବଂ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାହାଯ୍ୟ କରେ । ବିକଶିତ ଟେକ୍ ୪୭ ସହିତ, ଆମେ ଠିକ୍ ତାହା ନିର୍ମାଣ କରୁଛୁ, ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପ୍ରକୃତ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଏହା ଏକ ପ୍ଲାଟଫର୍ମ ।

# ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ ସ୍ଥଗିତ

**ଭୁବନେଶ୍ୱର,୨୫।୯ (ମହାଭାରତ):** ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ)ର ନିର୍ବାଚନ ତଦାରଖ କରିବା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଅନେକ ଜିଲ୍ଲା ୟୁନିଟ୍‌ର ଗଠନ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ଗୁରୁତର ପ୍ରଶ୍ନ ଉପରେ ସେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ।

ହକି ଇଣ୍ଡିଆର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ, ନିର୍ବାଚନ ଅଧିକାରୀ ଅଞ୍ଜନୀ କୁମାର ମିଶ୍ର, ଆଇଏଏସ (ଅବସରପ୍ରାପ୍ତ), ପ୍ରଶ୍ନ ଉଠାଇଛନ୍ତି ଯେ ଅନେକ ସ୍ଥାୟୀ ଅନୁବନ୍ଧିତ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ଯଥାବିଧି, ନିରପେକ୍ଷ ଓ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି କି ନାହିଁ। ରିପୋର୍ଟରେ ଦର୍ଶାଯାଇଛି ଯେ ଅନେକ ଜିଲ୍ଲାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସଭାପତି ଏବଂ/କିମ୍ବା ସମ୍ପାଦକ ଭାବେ ଦର୍ଶାଯାଇଛି । କେତେକ କ୍ଷେତ୍ରରେ ସେମାନଙ୍କୁ "ପଦାନୁସାରେ" ପଦାଧିକାରୀ ଭାବେ ଦର୍ଶାଯାଇଛି । ଅନେକ ମାମଲାରେ ନିର୍ବାଚନ କାର୍ଯ୍ୟବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରାଯାଇନଥିବା କଥା ମଧ ରିପୋର୍ଟରେ ଉଲ୍ଲେଖ ରହିଛି ।

ଏହାସହ ନିର୍ବାଚନ ଅଧିକାରୀ କହିଛନ୍ତି ଯେ "ବର୍ତମାନ ପ୍ରାପ୍ତ ଦସ୍ତାବିଜଗୁଡ଼ିକ ଏହା ପ୍ରମାଣିତ କରୁନାହିଁ" ଯେ ଅନେକ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଯଥାବିଧି ଅନୁଷ୍ଠିତ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି । ଏହା ପରେ ରିପୋର୍ଟରେ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଏକ ସିଧାସଳଖ ପ୍ରଶ୍ନ ଉଠାଯାଇଛି । ଏଥିରେ ପଚରାଯାଇଛି ଯେ ଏପରି ପଦାଧିକାରୀମାନଙ୍କ ଦ୍ୱାରା ମନୋନୀତ କିମ୍ବା ଅଧିକୃତ ପ୍ରତିନିଧିମାନଙ୍କୁ ସେମାନଙ୍କ ନିଯୁକ୍ତିର ଆଇନଗତ ଓ ପ୍ରଶାସନିକ ଆଧାର ପ୍ରଥମେ ସ୍ଥାପିତ ନକରି ଚୂଡ଼ାନ୍ତ ନିର୍ବାଚନୀ ତାଲିକାରେ ସାମିଲ କରାଯାଇପାରିବ କି ନାହିଁ । ନିର୍ବାଚନ ଅଧିକାରୀ ବିଶେଷ ଭାବେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ଯେ ପଦାନୁସାରେ ନିଯୁକ୍ତ ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିମାନେ ଚୂଡ଼ାନ୍ତ ନିର୍ବାଚନୀ ତାଲିକାର ଅଂଶ ହୋଇପାରିବେ କି ନାହିଁ; ସରକାରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପଦାନୁସାରେ ପଦାଧିକାରୀ ଭାବେ ନିଯୁକ୍ତ କରିବା ଏଚଏଓର ଉପନିୟମ ଓ ହକି ଇଣ୍ଡିଆର ଆବଶ୍ୟକତା ସହ ସମନ୍ୱୟପୂର୍ଣ୍ଣ କି ନାହିଁ; ଏବଂ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ଆଗକୁ ବଢ଼ିପାରିବ କି ନାହିଁ। ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି, "ଆମେ ଦୀର୍ଘ ସମୟ ଧରି ଯାହା କହିଆସୁଛୁ, ଏହା ତାହାକୁ ସତ୍ୟ ପ୍ରମାଣିତ କରୁଛି। ଜିଲ୍ଲା ୟୁନିଟ୍‌ଗୁଡ଼ିକ କେଉଁ ପ୍ରକାରରେ ଗଠିତ ହୋଇଛି ଏବଂ ନିର୍ବାଚନ ପ୍ରକ୍ରିୟା କିପରି ଚାଲିଛି, ସେ ନେଇ ଆମେ ବାରମ୍ବାର ପ୍ରଶ୍ନ ଉଠାଇଛୁ। ଆମକୁ କୁହାଯାଇଥିଲା ଯେ ଏହି ଚିନ୍ତାଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କିମ୍ବା ଏହାର କୌଣସି ଆଧାର ନାହିଁ। ଆଜି, ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ମଧ ଏହିପରି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି ଏବଂ ସ୍ପଷ୍ଟ ଭାବେ କହିଛନ୍ତି ଯେ ସ୍ୱଚ୍ଛତା ଓ ମାର୍ଗଦର୍ଶନ ବିନା ନିର୍ବାଚନ ଆଗକୁ ବଢ଼ିପାରିବ ନାହିଁ।"

# କ୍ରମ୍ପଟନ ଗାଲାକ୍ସି ଫେଷ୍ଟିଭ ସମ୍ଭାର

**ଭୁବନେଶ୍ୱର,୨୫।୯ (ମହାଭାରତ):** ପର୍ବପର୍ବାଣୀ ସମୟରେ ଘରକୁ ଆକର୍ଷଣୀୟ କରିବା ସହ ଏହାର ସାଜସଜ୍ଜାରେ ରଙ୍ଗ, ଉଷ୍ମତା ଏବଂ ସୁନ୍ଦରତା ଭରିବାରେ ରଙ୍ଗୀନ ଆଲୋକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସୁନ୍ଦରତା ଏବଂ ଉତ୍ସବର ଆନନ୍ଦକୁ ଦ୍ୱିଗୁଣିତ କରିବାରେ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ଼ ତାର ନୂଆ ଗାଲାକ୍ସି ଫେଷ୍ଟିଭ ଲାଇଟସ ସମ୍ଭାରର ବଜାର ପ୍ରବେଶ କରିଛି, ଯାହା ବିଭିନ୍ନ ପର୍ବପର୍ବାଣୀ ଏବଂ ଉତ୍ସବ ପାଇଁ ଆକର୍ଷଣୀୟ ଆଲୋକର ସମାଧାନ ଯୋଗାଇଦେବ। ଆଜିକାଲି ଗ୍ରାହକମାନେ ଆଲୋକକୁ କେବଳ ସାଧାରଣ ଲାଇଟ ଭାବେ ନ ଦେଖି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା, କମ୍ ବିଜୁଳି ଖର୍ଚ୍ଚହେବା, ସହଜରେ ଲଗାଯାଇ ପାରୁଥିବା ଏବଂ ଉତ୍ସବର ପରିବେଶକୁ ଅଧିକ ଜୀବନ୍ତ କରୁଥିବା ଆଲୋକକୁ ପସନ୍ଦ କରୁଛନ୍ତି। ପର୍ବପର୍ବାଣୀର ସାଜସଜ୍ଜା ନିଜର ପସନ୍ଦ ଏବଂ ଶୈଳୀକୁ ଦର୍ଶାଇବାର ଏକ ମାଧ୍ୟମ ହୋଇଥିବାରୁ, ଗାଲାକ୍ସି ଫେଷ୍ଟିଭ ଲାଇଟ ସମ୍ଭାର ଉଚ୍ଚମାନର, ଶୈଳୀପୂର୍ଣ୍ଣ ଡ଼ିଜାଇନ, ଉଜ୍ଜ୍ୱଳ ଆଲୋକ ଏବଂ ବିଶ୍ୱସନୀୟ କାର୍ଯ୍ୟଦକ୍ଷତା ସହିତ ଅନେକ ବିକଳ୍ପ ଆଣିଦେଇଛି। କ୍ରମ୍ପଟନର ଗାଲାକ୍ସି ଫେଷ୍ଟିଭ ଲାଇଟ ସମ୍ଭାର ବିଭିନ୍ନ ସାଜସଜ୍ଜା ପାଇଁ ଭିନ୍ନଭିନ୍ନ ଡ଼ିଜାଇନ ଏବଂ ଆଲୋକର ପ୍ରଭାବସହିତ ଉପଲବ୍ଧ ହେଉଛି ଯାହା ମଧ୍ୟେରେ ପତ୍ର-ଆକୃତିରୁ ପ୍ରେରିତ ଏହି ଲାଇଟ ସାଜସଜ୍ଜାରେ ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଯୋଗ କରିଥାଏ। ସ୍ନୋବଲ : ଏହାର ଗୋଲାକାର ଡ଼ିଜାଇନ ଏବଂ ରଙ୍ଗୀନ ଆଲୋକ ର୍ବପର୍ବାଣୀ ସାଜସଜ୍ଜାକୁ ମନୋରଞ୍ଜକ ଓ ଆକର୍ଷଣୀୟ କରିଥାଏ।

# ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର

ନିର୍ବାଚନ ପ୍ରକ୍ରିୟାରେ ଗତ ୭୦ ବର୍ଷ ଭିତରେ ଅନେକ ସଂସ୍କାର ଆସିଛି। ଭୋଟ ବାକ୍ସ ବଦଳରେ ଭୋଟିଂ ମେସିନ ବ୍ୟବହାର ହେଉଛି। ନିର୍ବାଚନ ପ୍ରଚାର ମଧ୍ୟ ବ୍ୟାପକ ହେଲାଣି। କରୋନା କଟକଣା ବେଳେ ଦେଶରେ ଡିଜିଟାଲ ପ୍ରଚାର ବ୍ୟବସ୍ଥା ହୋଇଥିଲା। ସେହିପରି ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ମଧ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଉଭୟ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ସହଯୋଗରେ ନିର୍ବାଚନ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରୟାସ କରନ୍ତି। ୧୯୯୫ରେ ଟି ଏନ ଶେଷାନ ଭାରତର ନିର୍ବାଚନ କମିଶନର ଥିବା ବେଳେ ଭୋଟର ପରିଚୟପତ୍ର ବ୍ୟବସ୍ଥା ଆରମ୍ଭ ହେଲା। ଏବେ ଭୋଟର ପରିଚୟପତ୍ର ସହିତ ଆଧାର ବା ଅନ୍ୟ କେତେକ ପରିଚୟପତ୍ର ଦେଖାଇ ଭୋଟ ଦେବାକୁ ପଡୁଛି। ଫଳରେ ନିର୍ବାଚନରେ ଜାଲ ଭୋଟ ଅନେକାଂଶରେ କମିଛି। ଇଭିଏମ ବ୍ୟବହାର ଦ୍ୱାରା ଭୋଟ କୌଣସି ନାକଚ ହେଉନି। ଏହା ବ୍ୟତିତ ଇଭିଏମରେ ନୋଟା ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ପ୍ରାର୍ଥୀ ପସନ୍ଦର ହୋଇନଥିବେ ତେବେ ଜଣେ ନୋଟାରେ ଭୋଟ ଦେଇପାରିବେ। ଏହା ଦ୍ୱାରା ଭୋଟଦାନ ହାର ବଢୁଛି। ଏଭଳି ଭାବେ ନିର୍ବାଚନ ବ୍ୟବସ୍ଥାରେ ଅନେକ ସଂସ୍କାରମୂଳକ ବ୍ୟବସ୍ଥା ହୋଇଛି। କିନ୍ତୁ ଏହା ଭିତରେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକ ସମୟରେ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଶାସକ ଦଳକୁ ସୁହାଇଲା ଭଳି ସେ ନିଷ୍ପତ୍ତି ନେଉଥିବା କୁହାଯାଉଛି। ଲବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଭୋଟ ଚୋରୀ ଏବଂ ଇଭିଏମରେ ଗଡ଼ବଡ଼ ଅଭିଯୋଗ କରି ସିଧାସଳଖ ନିର୍ବାଚନ କମିଶନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛନ୍ତି। ପ୍ରତି ନିର୍ବାଚନ ବେଳେ ଇଭିଏମରେ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଉଠୁଛି। ନିର୍ବାଚନ କମିଶନ ଏହାକୁ ବାରମ୍ବାର ଅସ୍ୱୀକାର କରି ଆସୁଛନ୍ତି ଏବଂ ଏହାକୁ ପ୍ରମାଣିତ କରିବା ଲାଗି ଆହ୍ୱାନ କରୁଛନ୍ତି। କିନ୍ତୁ କେହି ଆଜି ପର୍ଯ୍ୟନ୍ତ ଏଥିରେ ସଫଳ ହୋଇପାରିନାହାଁନ୍ତି। କିନ୍ତୁ ପରାଜିତ ଦଳ ସବୁ ବେଳେ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଅତୀତରେ ଭାରତରେ ଜଣେ ନିର୍ବାଚନ କମିଶନର ରହୁଥିଲେ। ଏବେ ତିନିଜଣିଆ ନିର୍ବାଚନ କମିଶନ ନିଯୁକ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଦିଆଯାଉଛି। ତେବେ ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ ନିଷ୍ପତ୍ତି ତିନିଜଣିଆ କମିଶନ ସହମତି ବା ସର୍ବସମ୍ମତି କ୍ରମେ ନେଇଆସୁଛନ୍ତି। କେନ୍ଦ୍ର ସରକାରଙ୍କ ସୁପାରିସରେ ଭାରତର ରାଷ୍ଟ୍ରପତି ନିର୍ବାଚନ କମିଶନଙ୍କୁ ନିଯୁକ୍ତି ପ୍ରଦାନ କରୁଛନ୍ତି। ପ୍ରଶାସନିକ କ୍ଷେତ୍ରରେ ଦକ୍ଷତା ଏବଂ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କୁ ଏଥିଲାଗି ଚୟନ କରାଯାଉଛି। ବିଭିନ୍ନ ରାଜ୍ୟରେ ରାଜ୍ୟପାଳ ଯେପରି କେନ୍ଦ୍ର ସରକାରଙ୍କ ଇଚ୍ଛାରେ ନିଯୁକ୍ତ ହେଉଛନ୍ତି ଏବେ ନିର୍ବାଚନ କମିଶନ ଠିକ ସେହି ଆଧାରରେ ନିଯୁକ୍ତି ପାଉଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନରେ ନିର୍ବାଚନ କମିଶନ ନିଯୁକ୍ତି ପ୍ରକ୍ରିୟା ନେଇ କୌଣସି ସ୍ୱଷ୍ଟ ଉଲ୍ଲେଖ ନାହିଁ। ଯେ ପର୍ଯ୍ୟନ୍ତ ଏଥିଲାଗି ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୀତ ହୋଇନାହିଁ, ସେ ପର୍ଯ୍ୟନ୍ତ ଭାରତର ନିର୍ବାଚନ କମିଶନଙ୍କ ନିଯୁକ୍ତି ଲାଗି ଏକ ତିନିଜଣିଆ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଏବଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ନେଇ ଏକ କମିଟି ସର୍ବସମ୍ମତିକ୍ରମେ ଏଥିଲାଗି ନିଷ୍ପତ୍ତି ନେବେ ଏବଂ ରାଷ୍ଟ୍ରପତିଙ୍କୁ ସୁପାରିସ କରିବେ। ଏହି ସୁପାରିସ ଆଧାରରେ ଭାରତର ନିର୍ବାଚନ କମିଶନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରିବେ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ରାଜ୍ୟ ସ୍ତରରେ ମଧ୍ୟ ସମାନ ନୀତି କାର୍ଯ୍ୟକାରୀ ହେବା ଉଚିତ। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ପଦ ଏବଂ ଏହାର ମର୍ଯ୍ୟାଦା ହାନି କଦାପି ଗ୍ରହଣୀୟ ନୁହେଁ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ରେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ୍ୟ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି ।

ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

"

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି।

୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ୍ୟ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭିଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମା,ମିଲେଟ ଓ ମିଶନ୍ ଶକ୍ତି

॥ ଡ଼ି ଶୁଭମ୍ ॥

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ। ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦଶକ କୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ , ସେତେବେଳେ ମା' ମାନଙ୍କର ଭୂମିକା ଉଦ୍ୟୋଗ କ୍ଷେତ୍ରରେ ଏତେଟା ନଥିଲା । କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ । ଆଜି ମା' ମାନେ ଉଦଯୋଗୀ । ଆଜି ମା' ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍ୟୋଗର କଥା ପହଁଚାଇଛନ୍ତି । ଆଉ ଆମ ମା' ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି । ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି । ଯେଉଁଠାରେ ମା' ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜି ମିଶନଶକ୍ତି ମାଧମରେ ମା' ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି । ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି ।

ବନ୍ଧୁଗଣ , ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ , ଏଥିରେ ଦ୍ୱିମତ ନାହିଁ । କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍ । ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ , ଏହା ଏକ ମିଶନ । ରାଜ୍ୟସରକାରଙ୍କ କୃଷି ବିଭାଗ ଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା । ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା । ସବୁଠି ମିଲେଟର ଜୟଯାତ୍ରା । ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବ ମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି ।

କେବଳ ମଧୁମେୟ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି । ମିଶନ୍ ଶକ୍ତି ମା' ମାନେ ଏବେ ମିଲେଟ ଶକ୍ତି କାଫେ ରେ ନିଜର ପାରଦର୍ଶିତା ଦେଖାଇଲେଣି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ । ଏଥିରେ ମା' ମାନଙ୍କର ହିଁ ଭୂମିକା ଅଧିକ । ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି । ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚାଷ କରିବା ପାଇଁ ଚାଷୀ ଏବେ ବେଶ ଆଗଭର । ଚାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମନ୍ୟୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛନ୍ତି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି ,କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢ଼େଙ୍କାନାଳ , ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି । ୧୪୨ ବ୍ଲକର ୧୭୨୨ ଗ୍ରାମ ପଂଚାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚାଷ କରିବା ସହ ଚାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ।

ଏକ ସୁସ୍ଥ,ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ । ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ। ମିଶନ ଶକ୍ତି ଓ ମିଲେଟ ମିଶନ - ଏଦୁଇଟି ବୈପ୍ଳବିକ ଆହ୍ୱାନ କୁ ମା' ମାନେ ଶାଣିତ କରୁଛନ୍ତି। ଆଜି ଆମ ରାଜ୍ୟର ମା' ମାନେ ଜଣେ ଜଣେ ଉଦ୍ୟୋଗୀ । ମା ,ମିଲେଟ୍ ଓ ମିଶନ୍ ଶକ୍ତି -ଆମ ରାଜ୍ୟର ପରିଚୟକୁ ଦ୍ୱିଗୁଣିତ କରିଛନ୍ତି । ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ।

ଭୁବନେଶ୍ୱର , ମୋ-୯୪୩୮୪୬୭୦୭୯ )

# ଭାରତ ସରକାରଙ୍କ ପକ୍ଷରୁ ପାରାଦୀପ ବନ୍ଦରକୁ ମିଳିଲା ମେଗା ବନ୍ଦର ସ୍ୱୀକୃତି



ପାରାଦୀପ, (ମହାଭାରତ): ଭାରତ ବର୍ଷର ପୂର୍ବ ଭାଗରେ ଥିବା ଦେଶର ପ୍ରମୁଖ ବନ୍ଦର ପାରାଦୀପ ବନ୍ଦରକୁ ମେଗା ବନ୍ଦରର ସ୍ୱୀକୃତି ମିଳିଛି । ଏ ସମ୍ପର୍କରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ରାଜପତ୍ରରେ ପ୍ରକାଶିତ ହୋଇଛି । ଭାରତୀୟ ବନ୍ଦର ଅଧିନିୟମ ୨୦୨୫ ଅନୁଯାୟୀ ପାରାଦୀପ ବନ୍ଦରକୁ ମେଗା ପୋର୍ଟ ଭାବେ ଆନୁଷ୍ଠାନିକ ବାବେ ମାନ୍ୟତା ମିଳିଛି । ଭାରତୀୟ ବନ୍ଦର ଅଧିନିୟମ ୨୦୨୫ ଧାରା ୭୩ର ଉପଧାରା(୧) ଅନୁଯାୟୀ ନିର୍ଦ୍ଧାରିତ ମାନଦଣ୍ଡର ମୂଲ୍ୟାଙ୍କନ ପରେ ଚାରିଟି ବୃହତ୍ ବନ୍ଦରକୁ ମେଗା ପୋର୍ଟ ଭାବେ ମାନ୍ୟତା ମିଳିଛି । ଏହି କ୍ରମରେ ଦୀନଦୟାଲ ବନ୍ଦର (କାଣ୍ଡଲା), ଜବାହାରଲାଲ୍ ନେହେରୁ ବନ୍ଦର (ନଭ ସେବା), ପାରାଦୀପ ବନ୍ଦର (ଓଡିଶା) ଏବଂ ମୁନ୍ଦ୍ର ବନ୍ଦର (ଗଜୁରାଟ) ଅର୍ନ୍ତଭୂକ୍ତ । ପାରାଦୀପ ବନ୍ଦରକୁ ମେଗା ପୋର୍ଟ ମାନ୍ୟତା ମିଳିବା ପରେ ଏହାର ନିରନ୍ତର ବିକାଶ ଏବଂ ଭରତ ପୂର୍ବ ଉପକୂଳରେ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶଦ୍ୱାର ଭାବେ ଏହାର ବୃଦ୍ଧିଶୀଳ ଗୁରୁତ୍ୱ ଏକ ମହତପୂର୍ଣ୍ଣ ପ୍ରତିଫଳନ । ପାରାଦୀପ ବନ୍ଦର ଅଧକ୍ଷ ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦରକୁ ମେଗା ବନ୍ଦର ମାନ୍ୟତା ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସେନୋଓାଲ ଏବଂ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ମାନ୍ୟତା ପାରାଦୀପ ବନ୍ଦର ବିକାଶ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲଖଟଂ ଏବଂ ଏହା ବନ୍ଦର ଭିତିଭୂମି ବିକାଶ, ପରିଚାଳନା ଦକ୍ଷତା ଏବଂ ସାମୁଦ୍ରିକ ବାଣିଜ୍ୟରେ ଏହାର ଭୂମିକାକୁ ଆହୁରି ଗୁରୁତ୍ୱ କରିବ ବୋଲି ଅଧକ୍ଷ ଶ୍ରୀ ପୁରୋହିତ କହିଛନ୍ତି ।

# ଇଫକୋ ପାରାଦୀପ ୟୁନିଟ୍‌କୁ ସିଆଇଆଇ ଏସଏଚଇ ଦୁଇ ଗୋଟି ଏକ୍ସଲେନ୍ସ ସମ୍ମାନ




ପାରାଦୀପ, (ମହାଭାରତ): ପାରାଦୀପଠାରେ ଥିବା ବିଶ୍ୱସ୍ତରୀୟ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ୟୁନିଟ୍‌କୁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଏସଏଚଇ ଏକ୍ସେଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ପୂର୍ବ ଅଂଚଳ ସ୍ତରରେ ୨ୟ ରର୍ନସ ଅପ୍ ଏବଂ ପରେ ବଡ ଧରଣର ଉତ୍ପାଦନ କ୍ଷେତ୍ରରେ ଓଡିଶା ରାଜ୍ୟ ବେର୍ଗର ୧ମ ରର୍ନସ୍ ଅପ ଭାବେ ସମ୍ମାନୀତ ହୋଇଥିଲା । ଇଫକୋ ପାରାଦୀପ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହଙ୍କ ପକ୍ଷରୁ ଡିଜିଏମ୍ (ଏଫ ଆଣ୍ଡ ଏସ) ଆର୍.କେ.ସ୍ୱାଇଁ ଏବଂ ଡେପୁଟି ମ୍ୟନେଜର (ଏଫ ଆଣ୍ଡ ଏସ)ଆଦିଲ ଓକର ସିଆଇଆଇ ପୂର୍ବ ଅଂଚଳ ସୁରକ୍ଷା ଉପ-କମିଟି ଅଧକ୍ଷ ରାଜୀବ ମଙ୍ଗଳଙ୍କଠାରୁ ଏହି ସମ୍ମାନ ସୂଚକ ପୁରସ୍କାର ଗ୍ରହଣ କରିଥିଲେ । କୋଲକତାର ନ୍ୟୁ ଟାଉନସ୍ଥିତ ବିଶ୍ୱ ବଙ୍ଗଳା ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଏହି ସମ୍ମାନ ଏକ ପ୍ରେରଣା ଦାୟୀ ବୋଲି ଇଫକୋ ପକ୍ଷରୁ ସୂଚନା ମିଳିଛି । ଇଫକୋ ପାରାଦୀପ ୟୁନିଟ୍ ଏକ ଦୃଢ ଏବଂ ପ୍ରଭାବଶାଳୀ ସୁରକ୍ଷା ସଂସ୍କୃତି ଗଠନ ଦିଗରେ ନିରନ୍ତର ଯୋଗଦାନ କରୁଥିବା କର୍ମଚରୀ ଏବଂ ହିତାଧିକାରୀମାନଙ୍କ ଉତ୍ସର୍ଗୀକୃତ ମନୋଭାଗର ଏକ ପ୍ରମାଣ ।

## ବିଦାୟ ନେଲେ ବିଘ୍ନ ବିନାଶକ ଗଣେଷ

ପାରାଦୀପ, (ମହାଭାରତ): ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସରିବା ପରେ ଗୋଟିଏ ଦିନରେ ଗତ ବୁଧବାର ଦିନ ଭଷାଣୀ ହୋଇଥିଲା । ଶୁକ୍ରବାର ଦିନ ପାରାଦୀପର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ବିଘ୍ନ ବିନାଶକ ଗଣେଷଙ୍କ ଭଷାଣ ଉତ୍ସବ କରିବା ପାଇଁ ପୋଲିସ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯଅଇଥିଲା । ଏହି କ୍ରମରେ ପାରାଦୀପର ସମସ୍ତ ପୂଜା ମଣ୍ଡପରୁ ଭଷାଣ ଶୋଭାଯାତ୍ରା ବାହାରିଥିଲା । ଦିନରେ ଲଘୁଚାପଜନିତ ବର୍ଷା ଓ ପବନ ପରେ ଅପରାହ୍ନରେ ପାଗ ଭଲ ରହିଥିଲା । ଏହା ପରେ ଆରମ୍ଭ ହୋଇଥିଲା ଭଷାଣ ଉତ୍ସବ । ପାରାଦୀପ ବଡପଡିଆଠାରେ ଦୀର୍ଘ ୩୭ ବର୍ଷ ଧରି ବିଘ୍ନ ବିନାଶକଙ୍କ ପୂଜା କରୁଥିବା ସମ୍ରାଟ ମେମୋରିଆଲ୍ କ୍ଲବ୍ ପକ୍ଷରୁ ଆକର୍ଷଣୀୟ ଭଷାଣୀ ଶୋଭାଯାତ୍ରା ବାହାରିଥିଲା । କ୍ଲବ୍‌ର ସଭାପତି ବଂଶୀଧର ବେହେରା, କାର୍ଯ୍ୟକାରୀ ସଭାପତି ମନୋରଂଜନ ମିଶ୍ର, ଉପସଭାପତି ମନୋଜ ମହାନ୍ତି, ପ୍ରଦୀପ୍ତ ସ୍ୱାଇଁ, ସମ୍ପାଦକ ଅଧିର କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ କହ୍ନ ସୁନ୍ଦର ରଣା, କୋଷାଧକ୍ଷ ପ୍ରଶାନ୍ତ କୁମାର ଜେନା, ହର ପ୍ରସାଦ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ ସଦ୍ୟମାନେ ଶୃଙ୍ଖଳିତ ଭାବେ ଏହି ଭଷାଣୀ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ ।



# ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ସ୍ଥିତ ଆଇ.ଟି.ଆଇ (ଶିଳ୍ପ ତାଲିମ କେନ୍ଦ୍ର)ରେ ଥିବା ହଷ୍ଟେଲ ମଧ୍ୟରୁ ଗତକାଲି ବିଳମ୍ବିତ ରାତିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତ ଦେହ ପୁଲିସ ଉଦ୍ଧାର କରିଥିବା ଜଣାପଡ଼ିଛି । ଛାତ୍ର ଟିକୁ ଦୀର୍ଘ ଦିନ ଧରି ଅନୁଷ୍ଠାନ କର୍ତୃପକ୍ଷ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମୃତ ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି । ମୃତ ଛାତ୍ର ଜଣକ ହେଲେ ରାଇଘର ଥାନା ଅନ୍ତର୍ଗତ ହଳଦୀ ପଂଚାୟତର ପୂଜାରୀପାରା ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁଅ ରୋହନ ସାହୁ (୧୭) ଏବଂ ସେ ରାଇଘର ଗଞ୍ଜାପାରା ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ଫିଟର ଟ୍ରେଡ୍‌ରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଅନ୍ୟପଟେ ପରିବାର ଲୋକେ ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି କ୍ଷ ବାପା ଏ ନେଇ ସେ ରାଇଘର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମେଡ଼ିକାଲ ପରିସରରେ ଉତେଜନା ଲାଗି ରହିଛି । ସୂଚନା ମୁତାବକ, ରୋହନ ଗତ କିଛି ମାସ ହେବ ହଷ୍ଟେଲ ରେ ଏକୁଟିଆ ଗୋଟିଏ ରୁମ ରେ ରହୁଥିଲେ । ଗତ କାଲି ଦିନ ୨ଟା ଠାରୁ ରୋହନ ନିଜ ହଷ୍ଟେଲ ରୁମ ବନ୍ଦ କରି ଭିତରେ ଥିଲେ । ଦିନ ତମାମ ହଷ୍ଟେଲ କର୍ତୃପକ୍ଷ କିନ୍ତୁ ଏଥିପ୍ରତି ଦୃଷ୍ଟି ଦେଇ ନଥିଲେ । ରାତି ୯ଟା ସମୟରେ ହଷ୍ଟେଲ ରୋଷେଇଆ ରୋହନର କବାଟ ବାଡେ଼ଇବା ପରେ ବି ଭିତରୁ କୌଣସି ପ୍ରତିକ୍ରିୟା ଆସିନଥିଲା କ୍ଷ ଶେଷରେ ରାତି ୧୨ଟା ସମୟରେ ତାଲିମ କେନ୍ଦ୍ର କର୍ତୃପକ୍ଷ ଏବଂ ହଷ୍ଟେଲ କର୍ତୃପକ୍ଷ ମିଶି ରାଇଘର ଥାନା ଅଧିକାରୀଙ୍କୁ ଡାକି ଆଣିଥିଲେ । ରାତିରେ କବାଟ ଭାଙ୍ଗିବା ପରେ ରୋହନ ଏକ ଗାମୁଛା ସାହାଯ୍ୟରେ ଫ୍ୟାନ ରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୁଲିସ ତାର ମର ଶରୀର କୁ ଉଦ୍ଧାର କରିଥିଲା । ଅନ୍ୟପଟେ ହଷ୍ଟେଲ କର୍ତୃପକ୍ଷ ହଳଦୀ ଗ୍ରାମକୁ ରାତି ୩ଟା ସମୟରେ ଯାଇ ଛାତ୍ରର ପରିବାର ଲୋକଙ୍କୁ ଡାକି ଆଣିଥିଲେ । ପରିବାର ଲୋକଙ୍କ କହିବା ଅନୁଯାଇ ଗତ କିଛି ଦିନ ହେବ ରୋହନ କୁ ଏକୁଟିଆ ଗୋଟାଏ ରୁମ ରେ ରଖି ଥିଲେ । ପରିବାର ଲୋକେ ଫୋନ କଲେ ତାଲିମ କେନ୍ଦ୍ର କର୍ତୃପକ୍ଷ ରୋହନ କୁ ନିର୍ଯାତନା ଦେଉଥିବା କଥା ବାରମ୍ବାର କହି ଆସୁଥିଲେ । ଅନ୍ୟପଟେ ପରିବାର ଲୋକେ ବି ରୋହନ କୁ ବୁଝାସୁଝା କରି ରଖୁଥିଲେ କିନ୍ତୁ ଆଜି ଯାହା ଘଟଣା ଘଟିଛି ସେଥିପାଇଁ ଶିଳ୍ପ ତାଲିମ କେନ୍ଦ୍ର ର କର୍ମଚାରୀ ମାନେ ହିଁ ଦାୟୀ ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ଆତ୍ମହତ୍ୟା ନୁହେଁ ବରଂ ବିଦ୍ୟାଳୟର କର୍ମଚାରୀମାନେ ନିର୍ଯାତନା ଦେଇ ରୋହନଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ବାପା ନରେନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି । ବିଦ୍ୟାଳୟର କିଛି କର୍ମଚାରୀ ଓ ଶିକ୍ଷକ ରୋହନଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ପରିବାର ଲୋକ ଫୋନ ମାଧ୍ୟମରେ ପୁଅ ସହିତ କଥାବାର୍ତ୍ତା ରୁ ଜାଣି ପାରୁଥିଲେ ବୋଲି ପ୍ରକାଶ କରିଛନ୍ତି । ଏ ନେଇ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ପୁଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ସହିତ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ସୂଚନା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଶବ ବ୍ୟବଚ୍ଛେଦ କରାଯିବା ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡ଼ିଛି ।

# ଲଘୁଚାପଜନିତ ବର୍ଷା ପବନରେ ଭାଙ୍ଗିଲା ଗଛ- ଉଠା ଦୋକାନୀ କ୍ଷତିଗ୍ରସ୍ତ ସୟାହତା ପ୍ରଦାନ କଲେ ପାରିଷଦ



ପାରାଦୀପ, (ମହାଭାରତ): ଲଘୁଚାପଜନିତ ବର୍ଷା ଓ ପବନର ପ୍ରଭାବ ପାରାଦୀପରେ ଦେଖିବାକୁ ମିଳିଛି । ସହରର ବିଭିନ୍ନ ସ୍ଥାନମାନଙ୍କରେ ବଡ ବଡ ଗଛ ପଡି କ୍ଷତି କରିଥିବା ଦେଖିବାକୁ ମିଳିଛି । ପାରାଦୀପ ହରିବୋଲିଆ ମଠ ୧୪ ନମ୍ବର ଓାର୍ଡର ଥିବା ଏକ ଛୋଟ ଜଳଖିଆ ଦେକାନ ଉପରେ ଏକ ବଡ ଗଛ ପଡି ଯିବାରୁ ଉକ୍ତ ଦୋକାନଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା । ଖବର ପାଇ ନୁଆବଜାର ୧୬ ନମ୍ବର ଓାର୍ଡ ପାରିଷଦ ମନୋଜ କୁମାର ନାୟକ ଉକ୍ତ ସ୍ଥାନରେ ପହଂଚି ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଦୋକାନର ମରାମତି ପାଇଁ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଛନ୍ତି । ଉକ୍ତ ଜଳଖିଆ ଦୋକାନର ମାଲିକ କିଛି ଦିନ ପୂର୍ବରୁ ଦେହାନ୍ତ ହୋଇଥିଲା । ଉକ୍ତ ଦୋକାନକୁ ତାଙ୍କ ବିଧବା ପତ୍ନୀ ଓ ଛୋଟ ଛୋଟ ଦୁଇ ପୁଅ ଉକ୍ତ ଜଳଖିଆ ଦୋକାନକୁ ଚଳାଉଥିଲେ । ଏହି ପରି ଅସମୟରେ ମାନବିକତା ଦେଖାଇଥିବାରୁ ସ୍ଥାନୀୟ ବାସିନ୍ଦା ୧୬ ନମ୍ବର ଓାର୍ଡ ପାରିଷଦ ମନୋଜ କୁମାର ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି । ସମାଜସେବୀ ନିରୋଦ କୁମାର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ସେଠାରେ ପହଂଚି ଆଶ୍ୱାସନା ଦେଇଥିଲେ ।

## ଗଣିଆରେ ୩ ଦିନ ଧରି ବିଦ୍ୟୁତ ସେବା ଠପ୍

ଗଣିଆ/ଦଶପଲ୍ଲା, (ମହାଭାରତ): ଗଣିଆ ଓ ଦଶପଲ୍ଲା ବ୍ଲକ ମୁଖ୍ୟାଳୟ ସମେତ ଆଖପାଖ ଅଞ୍ଚଳରେ ବିଗତ ତିନି ଦିନ ଧରି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଲଗାତାର ବିଦ୍ୟୁତ କାଟ ଯୋଗୁଁ ଘରୋଇ ଉପଭୋକ୍ତାଙ୍କ ସହ ସ୍ଥାନୀୟ ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ନଥିବାରୁ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି । ଘରମାନଙ୍କରେ ମୋଟର ଚାଲିପାରୁ ନଥିବାରୁ ଲୋକେ ନଳକୂପ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି । ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି । ସନ୍ଧ୍ୟା ହେଲେ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇପଡୁଛି । ଏହା ସହିତ ଗ୍ରୀଷ୍ମ ଓ ଗୁଳୁଗୁଳି କାରଣରୁ ଶିଶୁ ଏବଂ ବୃଦ୍ଧବୃଦ୍ଧାମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି । ବ୍ୟବସାୟୀକ ପ୍ରତିଷ୍ଠାନଗୁଡ଼ିକ ଉପରେ ଏହାର ପ୍ରଭାବ ସବୁଠାରୁ ଅଧିକ ପଡ଼ିଛି । ଫ୍ରିଜ୍ ?ରେ ଥିବା କ୍ଷୀର, ପନିର, ଆଇସକ୍ରିମ୍ ଓ ଅନ୍ୟାନ୍ୟ ଶୀତଳ ଖାଦ୍ୟସାମଗ୍ରୀ ନଷ୍ଟ ହୋଇଯିବାରୁ ଦୋକାନୀମାନେ ବ୍ୟାପକ ଆର୍ଥିକ କ୍ଷତିର ଶିକାର ହୋଇଛନ୍ତି । ଜେରକ୍ସ, ୱେଲ୍ଡିଂ, ଗ୍ରାଇଣ୍ଡିଂ ମିଲ୍ ଏବଂ ଅନଲାଇନ୍ କେନ୍ଦ୍ରଗୁଡ଼ିକର କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏ ନେଇ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ସୁଦ୍ଧା ସମସ୍ୟାର ସମାଧାନ ପାଇଁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଯଥାଶୀଘ୍ର ବିଦ୍ୟୁତ ସରବରାହ ସ୍ୱାଭାବିକ କରାନଗଲେ ଆଗାମୀ ଦିନରେ ରାସ୍ତାରୋକ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଉପଭୋକ୍ତା ଓ ବ୍ୟବସାୟୀ ସଂଘ ଚେତାବନୀ ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ ଶୁଭାରମ୍ଭ

ଦେବଗଡ଼, (ମହାଭାରତ): ଦେବଗଡ଼ ଜିଲ୍ଲାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସାଂସ୍କୃତିକ ପ୍ରେକ୍ଷାଳୟ ଓ କ୍ରୀଡ଼ା କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମୃଦ୍ଧ 'ର ଶୁଭାରମ୍ଭ ସମବାୟ ସମିତି ସମୂହର ଉପନିବନ୍ଧକ ଭୀମସେନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, କୃଷକ ନେତା ସଭାପତି ପ୍ରମୋଦ କୁମାର ଝାଙ୍କର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜି ଓ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ଜିଲ୍ଲା ସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ ଏବଂ ସମବାୟ ଆନ୍ଦୋଳନର ସୁଦୃଢ଼ିକରଣ ସମ୍ପର୍କରେ ଉଦବୋଧନ ଦେଇଥିଲେ । ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ବ୍ୟାପକ ଓ ଜନମୁଖି କରିବା ଉଦ୍ଦେଶ୍ୟରେ ଆଜି 'ସମୃଦ୍ଧ 'ମେଗା ସମବାୟ ସଦସ୍ୟତା ଅଭିଯାନର ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ହେଉଛି । ପରେ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ 'ସମୃଦ୍ଧ 'ମେଗା ସଦସ୍ୟତା ଅଭିଯାନ କରକମଳରେ ଶୁଭାରମ୍ଭ କରିଥିଲେ । ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲାର ସମସ୍ତ ସମବାୟ ସମିତିର ସଭାପତି ,ନିର୍ଦ୍ଦେଶକ, ସମ୍ପାଦକ ଓ ୪୦୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ।

## ରାସ୍ତା ଧସିବା ସହ ଧୋଇ ଗଲା ଖବର ପାଇ ଘଟଣାସ୍ଥଳରେ କନିଷ୍ଠ ଯନ୍ତ୍ରୀ

ଲକ୍ଷ୍ମୀପୁର, (ମହାଭାରତ): ଲଗାତାର ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟ ଭାଙ୍ଗିବା, ଘରଦ୍ୱାର କ୍ଷତିଗ୍ରସ୍ତ ହେବା ଓ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ଭଳି ସମସ୍ୟା ଦେଖାଦେଇଛି । ଏହି କ୍ରମରେ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡ଼ା ଗ୍ରାମର ନାୟକ ସାହି ଓ ଶୁଣ୍ଡି ସାହିକୁ ସଂଯୋଗ କରୁଥିବା ରାସ୍ତା ଲଗାତାର ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଥିବା ଜଣାପଡ଼ିଛି । ଖବର ପାଇବା ପରେ ଲକ୍ଷ୍ମୀପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ରଂଜିତ ଖୋସ୍ଲା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଧୋଇଯାଇଥିବା ସ୍ଥାନର ସ୍ଥିତି ଅନୁଧ୍ୟାନ କରିଥିଲେ । ତାଙ୍କ ସୂଚନା ଅନୁଯାୟୀ, ପୋଲଟି ଧୋଇଯାଇଥିଲେ ମଧ୍ୟ ଏଥିରେ କାହାରି କୌଣସି କ୍ଷୟକ୍ଷତି ହୋଇନାହିଁ । ଉଭୟ ସାହିର ଲୋକେ ମୁଖ୍ୟ ରାସ୍ତାକୁ ଯିବା ପାଇଁ ବିକଳ୍ପ ରାସ୍ତା ବ୍ୟବହାର କରିପାରୁଥିବାରୁ ବର୍ତ୍ତମାନ ଯାତାୟାତରେ ବିଶେଷ ଅସୁବିଧା ନଥିବା ସେ କହିଛନ୍ତି ।

## ଦନ୍ତା ହାତୀର ମୃତ୍ୟୁ ଦେହ ଉଦ୍ଧାର

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧୀନ ହିନ୍ଦୋଳ ବନାଞ୍ଚଳରେ ଦନ୍ତା ହାତୀର ଗଳିତ ମୃତଦେହ ଉଦ୍ଧାର । ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ ଅନ୍ତର୍ଗତ ନୂଆକୂଟ ଜଙ୍ଗଲରେ ଏକ ୫ ବର୍ଷୀୟ ଦନ୍ତା ହାତୀ ଅସୁସ୍ଥ ଥିବାରୁ ହିନ୍ଦୋଳ ବନବିଭାଗ ପକ୍ଷରୁ ତାହାର ଚିକିତ୍ସା ଜାରି ରହିଥିଲା । ମାତ୍ର ଗତକାଲି ସନ୍ଧ୍ୟାରେ ହାତିଟି ନୂଆକୂଟ ଗ୍ରାମନିକଟରେ ଯାଇଥିବା କେନାଲ ଦିଗକୁ ଆସି କେନାଲରେ ପଡିଯାଇଥିଲା ଏବଂ ଘଟଣା ସ୍ଥଳରେ ହାତିଟି ମୃତ୍ୟୁବରଣ କରିଥିଲା । ତେବେ ଖବରପାଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କର, ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ବନବିଭାଗ କର୍ମଚାରୀ ଙ୍କ ସହିତ ପହଂଚି ମୃତ ଦେହ ଉଦ୍ଧାର କରିବାସହ ଡାକ୍ତରୀ ଟିମଦ୍ୱାରା ଶବ ବ୍ୟବଚ୍ଛେଦ କରିବାପରେ ହାତୀଟିକୁ ପୋତି ଦେଇଥିଲେ । ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ହାତୀ ମୃତ୍ୟୁରେ କାରଣ ଜଣାପଡିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ । ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଂଚି ଖବର ସଂଗ୍ରହ ପାଇଁ ଉଦ୍ୟମ କରୁଥିବା ବେଳେ ଉପସ୍ଥିତ ଫରେଷ୍ଟର ବାରଣ କରିବାକୁ ଉଦ୍ୟମ କରିବା, ହାତୀ ମୃତ୍ୟୁ କାରଣ ଓ ସ୍ଥାନକୁ ଲୁଚାଇବା ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ଥିବାବେଳେ ଦାୟିତ୍ୱରେ ଥିବା ଫରେଷ୍ଟରେ ଙ୍କ ଅବହେଳା ଓ ଭୁଲ ପରିଚାଳନା ପାଇଁ ହାତିଟି ଜଙ୍ଗଲ ଦିଗକୁ ନଯାଇ କେନାଲ ଦିଗକୁ ଦୌଡ଼ି ଆସିବାରୁ ଖସିପଡି ମୃତ୍ୟୁ ବରଣ କରିଥିବା ଆଲୋଚନା ହେଉଛି ।

# କଳାହାଣ୍ଡିରେ 'ମାଇ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ




ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାରେ 'ମାଇ ଭାରତ'ର ବିଭିନ୍ନ ଯୁବ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା, ଯୁବକମାନଙ୍କ ଅଂଶଗ୍ରହଣ ବଢ଼ାଇବା ଏବଂ ଆଗାମୀ କାର୍ଯ୍ୟକ୍ରମର ସୁଚାରୁ ରୂପାୟଣ ନେଇ ମାଇ ଭାରତ କଳାହାଣ୍ଡି ଜିଲ୍ଲା ପରାମର୍ଶଦାତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା କମିଟିର ଅଧକ୍ଷ ତନ୍ମୟ କୁମାର ଦରୱାନ ଅଧକ୍ଷତା କରିଥିଲେ । ମାଇ ଭାରତ କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ବଂଶ ଶର୍ମା ଏଜେଣ୍ଡା ଅନୁଯାୟୀ ବୈଠକର ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ । ବୈଠକ ଆରମ୍ଭରେ ପୂର୍ବତନ ଜିଲ୍ଲା ପରାମର୍ଶଦାତା କମିଟି ବୈଠକର କାର୍ଯ୍ୟବିବରଣୀର ଅନୁମୋଦନ କରାଯିବା ସହ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ତାହାର କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯାଇଥିଲା । ଏହାପରେ ଜିଲ୍ଲାରେ ମାଇ ଭାରତ ଯୁବ ପଞ୍ଜୀକରଣର ସ୍ଥିତି ଏବଂ ଅଧିକ ଯୁବକ-ଯୁବତୀଙ୍କୁ ମାଇ ଭାରତ ସହିତ ଯୋଡ଼ିବା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟ, ବିଦ୍ୟାଳୟ, ଯୁବ କ୍ଲବ, ଜାତୀୟ ସେବା ଯୋଜନା, ନେହେରୁ ଯୁବ କେନ୍ଦ୍ର ସଂଗଠନ ଏବଂ ଅନ୍ୟାନ୍ୟ ଯୁବ ସମ୍ବନ୍ଧୀୟ ଅନୁଷ୍ଠାନ ମାଧ୍ୟମରେ ମାଇ ଭାରତର କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର-ପ୍ରସାର କରିବା ଏବଂ ଯୁବକମାନଙ୍କୁ ଅଧିକ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ, ବିକଶିତ ଭାରତ ଯୁବ ସଂଯୋଗ, ଯୁବ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ସମୁଦାୟ ସେବା କାର୍ଯ୍ୟକ୍ରମର ଯୋଜନା ଓ ରୂପାୟନ ନେଇ ଆଲୋଚନା କରାଯାଇଥିଲା । ଏଥିସହିତ ମାଇ ଭାରତ କାର୍ଯ୍ୟକ୍ରମର ପ୍ରଚାର ପାଇଁ ନୋଡାଲ ଅଧିକାରୀ ଓ ନୋଡାଲ ରାଷ୍ଟ୍ରଦୂତଙ୍କ ଚିହ୍ନଟ, ବିଭିନ୍ନ ସରକାରୀ ବିଭାଗ ଓ ଶିକ୍ଷାନୁଷ୍ଠାନ ସହ ସମନ୍ୱୟ ଏବଂ ଯୁବ କାର୍ଯ୍ୟକ୍ରମର ପ୍ରଭାବୀ ରୂପାୟଣ ଉପରେ ଆଲୋଚନା ହୋଇଥିଲା । ଯୁବମାନଙ୍କୁ ସ୍ୱଚ୍ଛତା ଅଭିଯାନ, ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ସାମାଜିକ ଓ ସମୁଦାୟ ବିକାଶମୂଳକ କାର୍ଯ୍ୟ ଏବଂ ନାଗରିକ ସହଭାଗିତାରେ ଅଧିକ ସକ୍ରିୟ କରିବା ନେଇ ମଧ୍ୟ ମତବିନିମୟ କରାଯାଇଥିଲା । ଆଗାମୀ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଭବାନୀପାଟଣା ତହସିଲଦାର କ୍ଷୀରୋଦ ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜାତୀୟ ସେବା ଯୋଜନାର ନୋଡାଲ ଅଧିକାରୀ ଜୟନ୍ତ କୁମାର ଦଣ୍ଡସେନା, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ୱିଲିୟମ ରାକେଶ କୁପ୍, ମାଇ ଭାରତ ଯୁବ ନେତା ସନ୍ଥୁ ବିଶି, ମାଇ ଭାରତର ସହକାରୀ ପ୍ରକଳ୍ପ ଅଧିକାରୀ ଦୁତିଆ ବାଞ୍ଛୋରଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ । ବୈଠକର ଶେଷରେ "ନିଶାମୁକ୍ତ ଯୁବା" ଅଭିଯାନ ଅଧୀନରେ ଉପସ୍ଥିତ ସମସ୍ତେ ନିଶାଠାରୁ ଦୂରେଇ ରହିବା, ଅନ୍ୟମାନଙ୍କୁ ନିଶାରୁ ଦୂରେଇ ରହିବା ପାଇଁ ସଚେତନ କରିବା ଏବଂ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବ ସମାଜ ଗଠନ ପାଇଁ ନିଶାମୁକ୍ତ ଯୁବ ଶପଥ ଗ୍ରହଣ କରିଥିଲେ ।

## ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ଗଜପତି(ମହାଭାରତ): ଗୁରୁବାର ଦିନ ବିଜେପି ଜିଲ୍ଲା କାର୍ଯ୍ୟାଳୟ ପାରଳାଖେମୁଣ୍ଡି କେ.ସୀତାପୁର ମଣ୍ଡଳରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି,ଏହି ଅବସରରେ ଜିଲ୍ଲା ସଦରମହକୁମା ରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି କେ.ନାରାୟଣ ରାଓ,ଦୀପ ପ୍ରଜ୍ଜ୍ୱଳନ କରିବା ସହ ଧୂପ ପ୍ରଦାନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ର,ଅନ୍ୟତମ ସାଧାରଣ ସମ୍ପାଦକ ଇ.ପ୍ରଶାନ୍ତ,ଜିଲ୍ଲା ଉପସଭାପତି ଜି.ଶ୍ରୀଧର ନାଇଡୁ,ମଣ୍ଡଳ ସଭାପତି କେ.ଜୀବନ,ନୃସିଂହ ଚରଣ ପଟନାୟକ,ନରେଶ ସାହୁ,ପ୍ରମୁଖ ଧୂପ ଓ ପୁଷ୍ପ ପ୍ରଦାନ କରିଥିଲେ,ପରେ ଜିଲ୍ଲା ସାଧାରଣ ସମ୍ପାଦକ ଦୀନ ଦୟାଲ କିଭଳି ଏକା ଧାରରେ ପ୍ରଖର ରାଷ୍ଟ୍ର ଭକ୍ତ,ଦକ୍ଷ ସଂଗଠକ ସୁ -ସାହିତ୍ୟିକ ଓ ଏକାତ୍ମ ମାନବବାଦ ଉପରେ ସମଗ୍ର ବିଶ୍ୱକୁ ସେ ସମୟରେ ଏକ ପ୍ରେରଣା ର ସ୍ରୋତ ପାଲଟିଯାଇଥିଲେ। ଠିକ ସେହିଭଳି କେ.ସୀତାପୁର ମଣ୍ଡଳରେ ମଧ କେ.ଜୀବନ ବାବୁ ଙ୍କ ନେତୃତ୍ୱ ରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେ.ଜୀବନ ବାବୁ ଓ ଜଗନ୍ନାଥ ପ୍ରସାଦ ମହାପାତ୍ର ଦୀପ ପ୍ରଜ୍ଜ୍ୱଳନ କରିବା ସହ ଜିଲ୍ଲା ଉପସଭାପତି ପି.ବାବୁରାଓ,ସ୍ଥାନୀୟ ସରପଞ୍ଚ ପ୍ରମୁଖ ଧୂପ ଓ ପୁଷ୍ପ ଅର୍ପଣ କରି ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଙ୍କ ସ୍ମୃତି ଚାରଣ କରିଥିଲେ।

## ଲଘୁଚାପଜନିତ ବର୍ଷାରେ ସାଳନ୍ଦୀ ନଦୀରେ ବନ୍ୟା

# ପାଣି ଘେରରେ ୨୦ ପରିବାରର ୬୦ ଲୋକ, ବୋଟ ସାହାଯ୍ୟରେ ସୁରକ୍ଷିତ ଉଦ୍ଧାର



କରଞ୍ଜିଆ,(ମହାଭାରତ) ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀରେ ଅଚାନକ ବନ୍ୟା ଆସିବା ଫଳରେ ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଶୀ ଗ୍ରାମର କୁଦରସାହିର ୨୦ଟି ପରିବାରର ପ୍ରାୟ ୬୦ ଜଣ ଲୋକ ପାଣି ଘେରରେ ଫସି ରହିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୭ଟାରୁ କୁଦରସାହି ଅଞ୍ଚଳରେ ବନ୍ୟା ପାଣି ପଶିବା ଆରମ୍ଭ କରିଥିଲା। ଧୀରେ ଧୀରେ ଜଳସ୍ତର ବୃଦ୍ଧି ପାଇବାରୁ ଗ୍ରାମବାସୀ ବାହାରକୁ ଯିବାର ସୁଯୋଗ ପାଇନଥିଲେ। ଘଟଣା ସମ୍ପର୍କରେ ପ୍ରଶାସନ ଖବର ପାଇବା ପରେ ତୁରନ୍ତ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଠାକୁରମୁଣ୍ଡା ଓ କରଞ୍ଜିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଡଙ୍ଗା ନେଇ ବନ୍ୟା ପାଣି ମଧ୍ୟରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଚାଲିଥିବା ଉଦ୍ଧାରକାର୍ଯ୍ୟ ପରେ ସନ୍ଧ୍ୟା ସୁଦ୍ଧା ପାଣି ଘେରରେ ଫସିଥିବା ସମସ୍ତ ୬୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସେମାନଙ୍କୁ ପାଣପୋଶୀ ଗ୍ରାମରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଉଦ୍ଧାରକାର୍ଯ୍ୟ ସମୟରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ତହସିଲଦାର ସମ୍ବିତ କୁମାର କର, ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସମେତ ଠାକୁରମୁଣ୍ଡା ଓ କରଞ୍ଜିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଉଦ୍ଧାରକାର୍ଯ୍ୟ ତଦାରଖ କରିଥିଲେ। ସେହିପରି ସାଳନ୍ଦୀ ନଦୀ କୂଳରେ ରହୁଥିବା ଅନ୍ୟ ଲୋକଙ୍କୁ ମଧ ପ୍ରଶାସନ ପକ୍ଷରୁ ସତର୍କ କରାଯାଇ ଅସ୍ଥାୟୀ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନର ସୂଚନା ଅନୁଯାୟୀ, ଡ଼ଙ୍ଗାଡିହାରେ ୧୫ ଜଣ, ବାପାଲସାହିରେ ୧୮ ଜଣ, ବଙ୍ଗାଳୀସାହିରେ ୩୫ ଜଣ ଏବଂ କୁଦରସାହିରେ ୬୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର/ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଇଥିବା ବେଳେ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ଅନାବଶ୍ୟକ ଭାବେ ବନ୍ୟା ପାଣି ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଆହୁରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଅବପାତ ରେ ଉପୁଡିଲା ଗଛ ବୁଡ଼ିଲା ଡ଼ଙ୍ଗା

ଅସ୍ତରଙ୍ଗ(ମହାଭାରତ) : ବଙ୍ଗୋପସାଗର ରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣିଝଡ଼ ଦକ୍ଷିଣ ଓଡିଶା ରେ ଅବପାତ ର ରୂପ ନେଇ ତାଣ୍ଡବ ରଚିବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ କାକଟପୁର ରେ ରଚିଛି ମହାତାଣ୍ଡବ, ଏହି ଅବପାତ ର ପ୍ରଭାବ ରେ ଗୁରୁବାର ସନ୍ଧ୍ୟା ରୁ ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ରେ ୮୦ କିଲୋମିଟର ବେଗରେ ପବନ ବହିବା ସହ ତୁହାକୁ ତୁହା ବର୍ଷା ଜନଜୀବନ କୁ ପ୍ରଭାବିତ କରିଛି, ଛେନୁ, ତଣ୍ଡାଘର, ଡ଼ାଲୁଅକଣୀ, କେଉଟଜଙ୍ଗା ଭଳି ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ରେ ସମୁଦ୍ର କୁଳ ଲଙ୍ଘିଥିବା ବେଳେ ଏହି ସଲଗ୍ନ ଅଞ୍ଚଳ ରେ ଲୋକ ମାନଙ୍କ ର ଅନେକ କ୍ଷୟକ୍ଷତି ହୋଇଛି,ଛୁରିଅନା ପଞ୍ଚାୟତ ସହନ ଗ୍ରାମ ରେ ମତ୍ସ୍ୟଜୀବି ମାନେ ଅବପାତ କୁ ଦୃଷ୍ଟି ରେ ରଖି ଘାଟ ରେ ରଶି ମାଧମ ରେ ଡ଼ଙ୍ଗା ଗୁଡିକ ଗଛ ରେ ବାନ୍ଧିରଖିଥିଲେ, ମାତ୍ର ପବନ ର ଭୟଙ୍କର ବେଗ ରେ ଗଛ ଭାଙ୍ଗିଥିବା ବେଳେ ରଶି ଗୁଡିକ ଛିଣ୍ଡି ଯାଇଥିଲା, ମତ୍ସ୍ୟଜୀବି ଙ୍କର ଦୁଇ ଗୋଟି ଯନ୍ତ୍ର ଚାଳିତ ଡ଼ଙ୍ଗା ନଦୀ ର ସୁଅ ରେ ଭାସି ବୁଡି ଯାଇଥିଲା, ଅନେକ ପରିଶ୍ରମ କରି ଗଛ କାଟି ଗୋଟେ ଡ଼ଙ୍ଗା ଉଦ୍ଧାର କରିବା ପରେ ନଦୀ ଭିତରେ ମତ୍ସ୍ୟଜୀବି ମାନେ ନଦୀ ରେ ଖୋଜା ଖୋଜି କରି ଉକ୍ତ ଡ଼ଙ୍ଗା କୁ ଉଦ୍ଧାର କରି କୂଳକୁ ଆଣିଥିଲେ, ସହନ ଗ୍ରାମ ର ତ୍ରିନାଥ ବେହେରା, ସଞ୍ଜୟ ବେହେରା ପିଣ୍ଟୁ ଓ ଟୁଟୁ ବେହେରା ଙ୍କ ର ଏହି ଡ଼ଙ୍ଗା ବୁଡିବା ପରେ ଡ଼ଙ୍ଗା ର କ୍ଷୟକ୍ଷତି ହୋଇଛି, ସେଥିପାଇଁ ମତ୍ସ୍ୟଜୀବି ପରିବାର ମାନେ ଏହି ଜୀବିକା ଜୀବନ ପାଇଁ ଡ଼ଙ୍ଗା ମରାମତି ନିମନ୍ତେ କ୍ଷତି ପୁରଣ ଦାବୀ କରିଛନ୍ତି ।

## ରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ରେଙ୍ଗାଲି ଆଦର୍ଶ ବିଦ୍ୟାଳୟର ୪ କ୍ରୀଡ଼ାବିତ ମନୋନୀତ

**ରେଙ୍ଗାଲି,:**କ୍ରୀଡ଼ା କ୍ଷେତ୍ରରେ ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସମ୍ବଲପୁର ଜି.ପି. ହାଇସ୍କୁଲ ଓ ଭି.ଏସ୍.ଏସ୍. ପଡ଼ିଆଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲିର ତନ୍ମୀ ତନ୍ତୀ ଓ ପ୍ରତିମା ଓରାମ ବ୍ୟାଡମିଣ୍ଟନ ଏବଂ ମନୀଷୀ ମଲ୍ଲିକ ଓ ଭୋଜରାଜ ଭୋଇ କରାଟେରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟସ୍ତର ପାଇଁ ମନୋନୀତ ହୋଇଛନ୍ତି।ଏହି ସଫଳତାରେ ବିଦ୍ୟାଳୟର ଅଧକ୍ଷ ରମଣୀ କାନ୍ତ ସାହୁଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ କୃତୀ କ୍ରୀଡ଼ାବିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ ରୁ ମହାବଳ ବାଘ ଉଦ୍ଧାର



କରଞ୍ଜିଆ, (ମହାଭାରତ) ଗତ ମଙ୍ଗଳବାର ଦିନ ଠାରୁ ଶିମିଳିପାଳ ଅଭୟାରଣ୍ୟ ରୁ ଜନବସତି ନିକଟକୁ ଚାଲି ଆସିଥିବା ମହାବଳ ବାଘ କୁ ବନ ବିଭାଗ ଶୁକ୍ରବାର ଦିନ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଖାପରଖାଇ ଗ୍ରାମ ରୁ ଉଦ୍ଧାର କରିଛି।ଉଦ୍ଧାର ପରେ ବାଘ କୁ ବନବିଭାଗ ଠାକୁରମୁଣ୍ଡା ବନ୍ୟ ପ୍ରାଣୀ ରେଞ୍ଜ କାର୍ଯ୍ୟାଳୟ କୁ ଆଣି ରଖିଛି। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଦିନ ମହାବଳ ବାଘ କୁ ଛେଳି ଚୋରାଳି ମାନେ ବାଘ କୁ ଦେଖିବାକୁ ପାଇଥିଲେ।ସୂଚନା ପାଇ ବନବିଭାଗ ଘଟଣାସ୍ଥଳକୁ ଯାଇ ବାଘ ର ସୁରାକ ପାଇ ପାରିନଥିଲା।କିନ୍ତୁ ଗୁରୁବାର ଦିନ ରାତି ପ୍ରାୟ ୧୧ ଟା ରୁ ୧୨ ଟା ସମୟରେ ବାଘ ଟି ଗ୍ରାମର ଯୋଗେନ୍ଦ୍ର ଗାଗରାଇ ଙ୍କ ଛେଳି ଘରେ ପଶିଥିଲା।ବାଘ କୁ ଦେଖି ପରିବାର ଲୋକେ ବାଘକୁ ଘଉଡାଇ ଦେଇଥିଲେ।ଖବର ପାଇ ଠାକୁରମୁଣ୍ଡା ବନ ବିଭାଗ ର ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ଫୋରେଷ୍ଟର ବିଦ୍ୟାଧର ମହାନ୍ତ,ଫୋରେଷ୍ଟ ଗାର୍ଡ କିଶୋର କୁମାର ପାତ୍ର ସମେତ ଅନ୍ୟ ବନ କର୍ମଚାରୀ ପହଞ୍ଚିବା ସହ କରଞ୍ଜିଆ ରୁ ଡିଏଫଓ ଅଜୟ କୁମାର ସାହୁ,ଏସି ଏଫ ପ୍ରଭାତ କୁମାର କୁଅଁର ବାଘ ଆସିଥିବା ଯୋଗେନ୍ଦ୍ର ଗଗରାଇ ଙ୍କ ଘରେ ରାତିରେ ପହଞ୍ଚି ନଜର ରଖିଥିଲେ। ରାତି ପ୍ରାୟ ୧ ଟା ସମୟ ରେ ପୁନର୍ବାର ବାଘ ଫେରି ଆସି ସେହି ଯୋଗେନ୍ଦ୍ର ଙ୍କ ଘରେ ଥିବା ପ୍ରଧାନମନ୍ତ୍ରୀ ଆବାସ ଘରେ ପଶି ଯିବା ପରେ ବାଘକୁ ଜଗିଥିବା ବନ ବିଭାଗ କର୍ମଚାରୀ ମାନେ ଦ୍ୱାର ସମ୍ମୁଖରେ ଜାଲ ଲଗାଇ ବନ୍ଦ କରି ରଖିଥିଲେ।ଲଘୁଚାପ ଜନିତ ବର୍ଷା କାରଣ ରୁ ରାତିରେ ବାଘ କୁ ବନ ବିଭାଗ ଉଦ୍ଧାର କରି ପାରି ନଥିଲା। ସକାଳେ ଘଟଣାସ୍ଥଳ କୁ ବାରିପଦା ରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟ ପ୍ରକାଶ ଚାନ୍ଦ ଗଗନନି,ଉପନିର୍ଦ୍ଦେଶକ ରମେଶ କୁମାର ବିଷନୟୀ ସହିତ ପ୍ରାଣୀ ଚିକିତ୍ସକ ପହଞ୍ଚି ଥିଲେ। ୧୨ ଘଣ୍ଟା ପରେ ବନବିଭାଗ ବାଘକୁ ଯନ୍ତା ବସାଇ ଘରୁ ଉଦ୍ଧାର କରି ଥିଲେ।ପରେ ବାଘକୁ ଆଣି ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟ ରେ ରଖିଥିଲେ।ଏ ସମ୍ପର୍କରେ କରଞ୍ଜିଆ ଡିଏଫଓ ଅଜୟ କୁମାର ସାହୁ କହିଛନ୍ତି ଯେ ଉଦ୍ଧାର ବାଘ କୁ ବର୍ତ୍ତମାନ କଣ କରାଯିବ ସ ନେଇ ଉଚ୍ଚ ବିଭାଗୀୟ ଅଧିକାରୀ ମାନେ ସ୍ଥିର କରିବେ।ଆର ସି ସି ଏଫ କହିଛନ୍ତି ଉଦ୍ଧାର ହୋଇ ଥିବା ବାଘ ର ବୟସ ପ୍ରାୟ ୭/୮ ମାସ ହେବଏଣୁ ସେ ଶିକାର କରିବା ଶିଖି ନାହିଁ।କୌଣସି କାରଣ ରୁ ସେ ମା ବାଘ ଠାରୁ ଦୂରେଇ ଯାଇଛି।ଏବଂ ସେ ବର୍ତ୍ତମାନ ଦୁର୍ବଳ ରହିଛି।ପ୍ରାଣୀ ଚିକିତ୍ସକ ତାର ଚିକିତ୍ସା କରୁଛନ୍ତି।ବର୍ତ୍ତମାନ କିଛିଦିନ ବନବିଭାଗ ର ହେପାଯତ ରେ ଶିମିଳିପାଳ କୋର ଏରିଆ ର ଯମୁନା ଏନକ୍ଲୋଜୋର ରଖାଯିବ।ସେ ଶିକାର ଶିଖିବା ପରେ ଶିମିଳିପାଳ ରେ ତାକୁ ଛଡ଼ାଯିବ।

## ଉଦ୍ୟାନ ବିଭାଗ ସହାୟତାରେ ଗୋଲ ମରିଚ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଚାଷୀ



ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ଉଦ୍ୟାନ ବିଭାଗ ସହାୟତାରେ ଗୋଲ ମରିଚ ଚାଷ କରି ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଷୀ ଚାଷ କରି ସ୍ୱାବଲମ୍ବୀ ହୋଇପାରି ଛନ୍ତି। ଜାତୀୟ ଉଦ୍ୟାନ କୃଷି ମିଶନ ମାଧ୍ୟମରେ ଆରମ୍ଭ ହୋଇଥିଲା ଏହା ପରେ ରାଜ୍ୟ ସରକାରଙ୍କ ମସଲା ମିଶନ ମାଧ୍ୟମରେ ଉପନିର୍ଦ୍ଦେଶକଙ୍କ ପକ୍ଷରୁ ଚାରା କରାଯାଇ ରିହାତି ମାଧ୍ୟମରେ ଯୋଗାଇ ଦିଆଯାଉଛି । ବିଶେଷ କରି ଜିଲ୍ଲାରେ ଜଙ୍ଗଲରେ ରହୁଥିବା ଆଦିବାସୀମାନଙ୍କ ସକାଶେ ଅତ୍ୟନ୍ତ ଉପଯୋଗୀ ଓ ଲାଭ ଦାୟକ ସାବ୍ୟସ୍ତ ହୋଇପାରିଛି। ସେମାନଙ୍କର ଅଧୀନରେ ଥିବା ଜଙ୍ଗଲ ଜମିରେ ଥିବା ଗଛରେ ଦୁଇ ରୁ ଚାରୋଟି ଲେଖାଏଁ ଗୋଲ ମରିଚ ଲତ। ମଳାଇ ଦେବା ଦ୍ୱାରା ଏକ ବର୍ଷ ପରେ ସେଥିରୁ ହାରାହାରି ଚାରି କେଜି ରୁ ପାଞ୍ଚ କେଜି ଯୋଗ୍ୟ ଶୁଖିଲା ଗୋଲ ମରିଚ ପାଇ ପାରୁଛନ୍ତି। ଗୋଲମରିଚ କେଜି ପିଛା ସାତ ସହ ରୁ ଆଠଶହ ହିସାବରେ ସେମାନେ କୋଡ଼ିଏ ରୁ ପଚିସିଟି ଜଙ୍ଗଲ ଗଛରେ ମଳା।ଇ ବର୍ଷକୁ ହାର। ହ।ରି ସାଠିଏ ହଜାର ରୁ ଅସିଏ ହଜାର ଟଙ୍କ। ଆଦାୟ ହୋଇ ପରୁଛନ୍ତି। ଏଥି ସକାଶେ ସେମାନଙ୍କ ହାତରୁ କୌଣସି ଚାଷ ଖର୍ଚ୍ଚ ପଡୁନଥିବାରୁ ଓ ଜଙ୍ଗଲ ଜମିର କିଛି କ୍ଷତି ନ ହୋଇ ଗଛରେ ମଳାଇ ଲାଭ ପାଇ ପାରୁ ଥିବାରୁ ଗୋଲ ମରିଚ ଚାଷ ପ୍ରତି ଚାଷୀ ଆକୃଷ୍ଟ ହୋଇ ପାରୁଛନ୍ତି।ଗଜପତି ଜିଲ୍ଲାର ଗୁମ୍ମାର ରୋହିସିଂ, ତୁମ୍ମଲ, ମୁନିଶିଂ, କୁମଣ୍ଡିଆ , ତିବିସିଂ ସେହି ଭଳି ମୋହନାର ପିଣ୍ଡିକି ପଞ୍ଚ।ୟତ, ମୋହନ ପଞ୍ଚ।ୟତ,ରାୟଗଡ଼ ବ୍ଲକର ତାଲମୁଣ୍ଡ । ପଞ୍ଚ। ୟ ତ, ଡମ୍ବ।ଳ ଅମେଡାରେ ରଆର ଉଦୟ ଗିରି ବ୍ଲକ ରେ ସୁବଲଡ୍।, ମଙ୍ଗରାଜ ପୁର, ଦିହୁଡି ସାହି ରେ ଚାସ କରାଯାଉଥିବା ଜଣା ପଡ଼ିଛି। ଏହି ଚାଷ କରିବା ଦ୍ୱାରା ବେସ ଲାଭବାନ୍ ହେବା ସହ ସେମାନଙ୍କର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ହୋଇ ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚି ପାରିଛନ୍ତି।

## ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ଗଜପତି ଜିଲ୍ଲା ଗସ୍ତ



ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଜନିତ ପରିସ୍ଥିତିର ସମୀକ୍ଷା ଓ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଗସ୍ତ କରି ସମୀକ୍ଷା କରୁଛନ୍ତି ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ । ଗସ୍ତ ସମୟରେ ସେ ମୋହନା, ଆ଼.ଉଦୟଗିରି, ନୂଆଗଡ଼ ଓ ରାୟଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବର୍ଷା ଜନିତ ସ୍ଥିତି ଅନୁଧ୍ୟାନ କରିଥିଲେ।

ଏହି ଅବସରରେ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା, , ଲୋକଙ୍କ ସୁରକ୍ଷା, ଉଦ୍ଧାର ଓ ସ୍ଥାନାନ୍ତରଣ ସହ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ଗଭୀର ଅବପାତର ବର୍ଷା ହେବା ଯୋଗୁ ଜିଲ୍ଲାରେ ୭,୬୫୬ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା ସେଥି ମଧ୍ୟରୁ ୮୬ ଜଣ ଗର୍ଭବତୀ ମହିଳାଙ୍କୁ ମା ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନାନ୍ତରିତ କରି ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା । ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଆଶ୍ରୟ ସ୍ଥଳରେ ପାନୀୟ ଜଳ, ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିବା ସମ୍ପର୍କରେ ସେ ଅଧିକାରୀମାନଙ୍କ ଠାରୁ ସୂଚନା ନେଇଥିଲେ।

ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ର ହୋନ୍ନାଗା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବିନାୟକ ରାଉଳଙ୍କ ସମେତ ସମ୍ପୃକ୍ତ ବ୍ଲକର ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଧାନସଭାରେ ପ୍ରଶ୍ନୋତ୍ତର: ପଟୁରେ ପୋତି ହେଉଛି ହୀରାକୁଦ ଜଳଭଣ୍ଡାର

ସମ୍ବଲପୁର: ଦିନ କୁ ଦିନ ପଟୁରେ ପୋତି ହେଉଛି ହୀରାକୁଦ ଜଳଭଣ୍ଡାର । ବର୍ଷ ବର୍ଷ ଧରି ପଟୁ ଜମା ହେବା ଯୋଗୁଁ ଜଳଧାରଣ କ୍ଷମତା ଦ୍ରୁତ ଗତି ରେ ହ୍ରାସ ପାଉଛି । ମୂଳ ପ୍ରକଳ୍ପ ରିପୋର୍ଟ ତୁଳନାରେ ହୀରାକୁଦ ଜଳଭଣ୍ଡାର ର ମୋଟ ଜଳଧାରଣ କ୍ଷମତା ୧.୮୨ ନିୟୁତ ଏକର-ଫୁଟ୍ କମିଥିବା ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଙ୍କ ପ୍ରଶ୍ନ ର ଉତ୍ତର ରେ ସୂଚନା ଦେଇଛନ୍ତି । ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ ମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପଟୁ ଜମା ହେବା ଏହି କ୍ଷମତା ହ୍ରାସର ପ୍ରମୁଖ କାରଣ ବୋଲି କହିଛନ୍ତି। ୧୯୫୭ର ମୂଳ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ ହୀରାକୁଦର ମୋଟ ଜଳଧାରଣ କ୍ଷମତା ୬.୬୦ ନିୟୁତ ଏକର-ଫୁଟ୍ ଥିଲା। ୨୦୦୦ ମସିହାର ଆକଳନରେ ଏହା ୪.୭୮ ନିୟୁତ ଏକର-ଫୁଟ୍‌କୁ କମିଥିଲା । ଜଳଭଣ୍ଡାରରେ ଜମା ହୋଇଥିବା ପଟୁ ହଟାଇବା ପାଇଁ ସରକାରଙ୍କ କ'ଣ ଯୋଜନା ରହିଛି ବୋଲି ବିଧାୟକ ହରିପାଲ ପ୍ରଶ୍ନ ଉଠାଇଥିଲେ । ତେବେ ସରକାରୀ ଉତ୍ତରରେ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ଦିଆଯାଇ ନାହିଁ । ଜଳଭଣ୍ଡାର ରେ ଜମା ହୋଇ ଥିବା ପଟୁମାଟି ର ତୁରନ୍ତ ଆକଳନ କରାଯାଇ ପଟୁ ହଟାଇ ଜଳଭଣ୍ଡାର ର ଜଳଧାରଣ କ୍ଷମତା ପୁନରୁଦ୍ଧାର ପାଇଁ ଠୋସ୍ ଯୋଜନା କରାଯିବାକୁ ବିଧାୟକ ସୁଦର୍ଶନ ହରିପାଲ ଦାବି କରିଛନ୍ତି । ହୀରାକୁଦ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ଲୋକଙ୍କ ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହୋଇଛି କି ନାହିଁ ବୋଲି ହରିପାଲ ବିଧାନସଭାରେ ପ୍ରଶ୍ନ କରିଥିଲେ । ଏ ପର୍ଯ୍ୟନ୍ତ ଏଭଳି କୌଣସି ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହୋଇନଥିବା ସରକାର ସ୍ପଷ୍ଟ କରିଛନ୍ତି। ଶୀଘ୍ର ହିରାକୁଦ ବିସ୍ଥାପିତଙ୍କ ଡିଜିଟାଲ ଡାଟା ବେସ୍ (ତଥ୍ୟଭଣ୍ଡାର ) ପ୍ରସ୍ତୁତ କରାଯିବାକୁ ଶ୍ରୀ ହରିପାଲ ଦାବୀ କରିଛନ୍ତି ।

## ଲୁଆକେରା ଉଚ୍ଚ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ



**ରାଉରକେଲା,:**ଗତ ୧୭ ସେପ୍ଟେମ୍ବର ରୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଠାରୁ ଆସନ୍ତା ୧୭ଅକ୍ଟୋବର ପର୍ଯ୍ୟନ୍ତ ସମଗ୍ର ଦେଶରେ ସେବା ସଂକଳ୍ପ ଅଭିଯାନ-୨୦୨୬ ନାମରେ ଅନେକ ସେବାକାର୍ଯ୍ୟ ମାନ ଆୟୋଜନ କରାଯିବା ସହିତ ପରିବେଶର ସୁରକ୍ଷା, ସାମାଜିକ ସମରସତାର ବାତାବରଣ ନିର୍ମାଣ କରିବା ନିମିତ୍ତ ସଚେତନତା ସୃଷ୍ଟି କରିବା ସହିତ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ସମାଜର ସବୁ ବର୍ଗର ଆବାଳବୃଦ୍ଧବନିତାଙ୍କ ସହଭାଗୀତାରେ କାର୍ଯ୍ୟ କରିବା ପାଇଁ ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନେତୃତ୍ୱ ଦଳର କର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ କେନ୍ଦ୍ରରୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ବ ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଆବଶ୍ୟକ ମାର୍ଗଦର୍ଶୀକା ପ୍ରଦାନ କରାଯାଇଛି । ଏହି କ୍ରମରେ ଆଜି ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଇସ୍ପାତ ସହରାଞ୍ଚଳର ଲୁଆକେରା ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସହିତ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଜେ ପି ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଅନ୍ୟ ସହକର୍ମୀ ମାନଙ୍କ ଉପସ୍ଥିତି ଏବଂ ସହଯୋଗରେ ବିଦ୍ୟାଳୟର ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଜେପି ହସ୍ପିଟାଲରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ପିଲାମାନଙ୍କର ଚକ୍ଷୁ ମଧ ପରୀକ୍ଷା କରାଯାଇଥିଲା । ସେହିପରି ଏହି ଶିବିରରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ମାଗଣାରେ ଚିକିତ୍ସା କରାଯାଇଥିବା ବେଳେ ଶିବିରରେ ଲୋକଙ୍କ ରକ୍ତଚାପ ଏବଂ ମଧୁମେହ ପରୀକ୍ଷା ମଧ କରାଯାଇଥିଲା । ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଧର୍ମପତ୍ନୀ ସୁଚିତ୍ରା ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରର ଭାରତୀୟ ଜନତା ପାର୍ଟିର ଅଜୟ କଂସାରୀ ଏବଂ ସ୍ନିଗ୍ଧାଞ୍ଜଳି ମୁଗୁରି ପ୍ରମୁଖ ଉପସ୍ଥିତ ଥିଲେ ।

## ଏକ ପେଡ଼ ମା କେ ନାମ" ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆଗାଁ (ମହାଭାରତ ) : ଭାରତ ସରକାର ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସେବା ସଂକଳ୍ପ ଅଭିଯାନ - ୨୦୨୬ ଏ ନେଇ ଏକ ପେଡ଼ ମା କେ ନାମ ରେ ବିଗତ ୨ବର୍ଷ ଧରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଆସୁଥିବା ବେଳେ ଚଳିତ ବର୍ଷ ରାଜ୍ୟ ସରକାର ତଥା ପଞ୍ଚାୟତ ରାଜ ବିଭାଗ ନିର୍ଦ୍ଦେଶ ନାମା ଜାରି କରିଛନ୍ତି ଯେ ସେପଟ୍ମ୍ବେର ୨୫ ରେ ସମଗ୍ର ରାଜ୍ୟରେ ୨୫ ଲକ୍ଷ ଚାରା ରୋପଣ କରାଯିବ।ଏନେଇ ପ୍ରତି ଗ୍ରାମପଞ୍ଚାୟତରେ ୭୦୦ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପରିସରରେ ବିଡ଼ିଓ ଡ଼ ଅମୃତ କୁମାର ରାଉଳ, ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ଏପିଓ ଅମରେନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା, ନୂଆଗାଁ ସରପଞ୍ଚ ଅମିତା ପରିଡ଼ା, ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ଶାସମଲ ପ୍ରମୁଖ ଯୋଗଦେଇ ବ୍ଲକ ସ୍ତରୀୟ ମେଡିକାଲ ପୋଖରୀ ନିକଟରେ ଏବଂ ବ୍ଲକ ପରିସରରେ ସମେତ ବିଭିନ୍ନ ସ୍ଥାନରେ "ଏକ ପେଡ଼ ମା କେ ନାମ" ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି ।ସେହିପରି ୨୨ଟି ଗ୍ରାମପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ସଭ୍ୟା,କନିଷ୍ଠ ଯନ୍ତ୍ରୀ,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଏଡିଇଓ ଏବଂ ଜିଆରଏସ ସମେତ ସ୍ଥାନୀୟ ଅଞ୍ଚଳବାସୀ ସାମିଲ ହୋଇ ବିଭିନ୍ନ ସ୍ଥାନରେ "ଏକ ପେଡ଼ ମା କେ ନାମ" ୭୦୦ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଥିଲେ।

# ଗଜପତି ଜିଲ୍ଲାରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମବାୟ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣ ରାଓ, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ରାମ ପ୍ରସାଦ ରକମ, ପାରଳାଖେମୁଣ୍ଡି ବିଧାୟକଙ୍କ ପ୍ରତିନିଧି ଶ୍ରୀ ଏସ. ବାଲାରାଜୁ, ଜିଲ୍ଲା କୃଷକ ସଂଘ ସଭାପତି ଶ୍ରୀ ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଶାନ୍ତ କୁମାର ପାଳ, ଜିଲ୍ଲା ସମବାୟ ସମିତି ନିବନ୍ଧକ ଶ୍ରୀ ହରିହର ସେଠ୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ୍.ପ୍ରକାଶ ରାଓ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ତୁଷାରେନ୍ଦୁ ନାୟକ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ଦୁଷ୍ମନ୍ତ ବେହେରା, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ଶ୍ରୀ ନିରୋଦ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ଶିକ୍ଷ ପରିଚାଳକ ଶ୍ରୀ ବିଭୁ ରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହ ସମବାୟ ସମିତିଗୁଡ଼ିକରେ ଅଧିକରୁ ଅଧିକ ଲୋକଙ୍କୁ ସଦସ୍ୟ ଭାବେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା, ସଦସ୍ୟତାର ଗୁରୁତ୍ୱ ଏବଂ ସମବାୟ ମାଧ୍ୟମରେ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି କୃଷକ, ମହିଳା, ଯୁବବର୍ଗ ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ସମବାୟ ସମିତିର ସଦସ୍ୟ ହେବା ପାଇଁ ପ୍ରୋତ୍ସାହିତ କରାଯିବ। ସମବାୟ ମାଧ୍ୟମରେ କୃଷି ଋଣ, କୃଷି ସମ୍ବନ୍ଧୀୟ ସେବା, ବିପଣନ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇବାର ସୁଯୋଗ ସଦସ୍ୟମାନେ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଜିଲ୍ଲାର ବିଭିନ୍ନ ସମବାୟ ସଂସ୍ଥା ଓ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ନୂତନ ସଦସ୍ୟ ସଂଗ୍ରହ କରାଯିବା ସହ ସମବାୟର ଲାଭ ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ। ସମବାୟ କ୍ଷେତ୍ରରେ ଅଧିକ ଜନସମ୍ପୃକ୍ତି ସୃଷ୍ଟି କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏହି ଅଭିଯାନର ଅନ୍ୟତମ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରେ ରାଜ୍ୟସ୍ତରୀୟ 'ସମ୍ବନ୍ଧ' କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କୃଷକ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ।

## ଆକାଶ ଏୟାର ୨୦୦ ବିମାନ କିଣିବ

ନୂଆଦିଲ୍ଲୀ: ଭାରତର ବିମାନ ଯାତ୍ରା ବଜାରରେ ବିସ୍ତାର ଯୋଜନା କରୁଛି ଆକାଶ ଏୟାର। ଏଥିପାଇଁ କମ୍ପାନି ୨୦୦ରୁ ଅଧିକ ବୋଇଂ ୭୩୭ ମ୍ୟାକ୍ସ ବିମାନକିଣିବା ନେଇ ବୋଇଂ ସହ ଆଲୋଚନା କରୁଛି। ଏହି ବଡ଼ ଅର୍ଡର ନେଇ ଆସନ୍ତା ବର୍ଷ ପ୍ରାରମ୍ଭରେ ନିଷ୍ପତ୍ତି ହୋଇପାରେ। ଚୁକ୍ତିର ସର୍ତ୍ତଗୁଡ଼ିକ ୨୦୨୭ର ଦ୍ୱିତୀୟାର୍ଦ୍ଧରେ ଚୂଡ଼ାନ୍ତ ହେବା ସମ୍ଭାବନା ରହିଛି। ଏହି ବିମାନଗୁଡ଼ିକ ଆସିଲେ ୨୦୩୨ ପରେ ମଧ୍ୟ ଆକାଶର ଫ୍ଲିଟ୍ ବିସ୍ତାର ଜାରି ରହିବ। ୨୦୨୨ରେ ଉଡ଼ାଣ ଆରମ୍ଭ କରିଥିବା ଆକାଶ ଏୟାର ବର୍ତ୍ତମାନ ୪୩ଟି ବୋଇଂ ୭୩୭ ମ୍ୟାକ୍ସ ବିମାନ ଚଳାଉଛି। ଏହା ସହିତ ଆସନ୍ତା ଦଶନ୍ଧିରେ ଡେଲିଭରି ପାଇଁ କମ୍ପାନିର ପୂର୍ବରୁ ବିମାନ ଅର୍ଡର ରହିଛି। ଆକାଶ ୨୦୨୭ ମାର୍ଚ୍ଚ ସୁଦ୍ଧା ନିଜର କ୍ଷମତା ପ୍ରାୟ ୩୦% ବଢ଼ାଇବା ଲକ୍ଷ୍ୟ ରଖିଛି। ୨୦୨୪ରେ ଆକାଶ ୧୫୦ଟି ଅତିରିକ୍ତ ବୋଇଂ ୭୩୭ ମ୍ୟାକ୍ସ ପାଇଁ ବରାଦ ଦେଇଥିଲା। ଫଳରେ ବୋଇଂ ପାଖରେ ଏହାର ମୋଟ ବରାଦ ୨୨୬ ବିମାନକୁ ବୃଦ୍ଧି ପାଇଛି।

## ଦ୍ୱାଦଶ ପାସ୍ ହାଇଦ୍ରାବାଦ ଡାକ୍ତର ଗିରଫ

ହାଇଦ୍ରାବାଦ: ଡାକ୍ତରୀ ଶିକ୍ଷା ନଥାଇ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ କ୍ଲିନିକ୍ ଚଳାଇବା ଅଭିଯୋଗରେ ହାଇଦ୍ରାବାଦ ପୁଲିସ ଜଣେ ୨୩ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଅଦନାନ୍ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ପୁଲିସ କହିଛି। ସେ ଗୋଲକୋଣ୍ଡା ଅଞ୍ଚଳରେ ‘ହିକ୍‌ମା ସେହତ୍ କେୟାର ସେଣ୍ଟର’ ନାମରେ କ୍ଲିନିକ୍ ଚଳାଉଥିଲେ।ପୁଲିସ ଅନୁସାରେ,



ଅଦନାନ୍ ୨୦୨୩ରେ ଜଣେ ୟୁନାନି ଡାକ୍ତରଙ୍କ ସହ ପରିଚିତ ହୋଇ କ୍ଲିନିକ୍‌ରେ ସହାୟକ ଭାବେ କାମ ଆରମ୍ଭ କରିଥିଲେ। ପରେ ସେ ନିଜେ ରୋଗୀ ଦେଖିବା ଆରମ୍ଭ କରିଥିଲେ।

ତାଙ୍କ ମା’ ସାବା ଖାନ୍ ଓ ଭାଇ ମହମ୍ମଦ ଫୈଜାନ୍ ମଧ୍ୟ ଏହି କାର୍ଯ୍ୟରେ ସାମିଲ ଥିବା ଅଭିଯୋଗ ହୋଇଛି। ପୁଲିସ କହିଛି, ତିନିଜଣ ନିଜକୁ ପାରମ୍ପରିକ ‘ହାକିମ୍’ ବୋଲି ପରିଚୟ ଦେଉଥିଲେ। ଯୌନ ସ୍ୱାସ୍ଥ୍ୟ ସମସ୍ୟା, ଶ୍ୱାସକଷ୍ଟ, ଛାତି ଯନ୍ତ୍ରଣା, ବାରମ୍ବାର ବାନ୍ତି, ଶରୀରରେ ତୀବ୍ର ଯନ୍ତ୍ରଣା, କିଡ୍‌ନୀ ଓ ପାର୍ଶ୍ୱ ଯନ୍ତ୍ରଣା ଓ ପରିସ୍ରା ସମ୍ବନ୍ଧୀୟ ସମସ୍ୟାରେ ସେମାନେ ରୋଗୀଙ୍କୁ ଚିକିତ୍ସା ଦେଉଥିଲେ। ବିନା ଲେବଲ୍‌ର ଔଷଧ ଦେବା ସହ ପ୍ରେସକ୍ରିପ୍‌ସନ୍ ଲେଖୁଥିବା ମଧ୍ୟ ଅଭିଯୋଗ ହୋଇଛି। ପୁଲିସ କ୍ଲିନିକ୍‌ରୁ ବିଭିନ୍ନ ପ୍ରକାରର ପାଉଡର ଓ ବୋତଲରେ ଥିବା ଅଜଣା ଔଷଧ, ପ୍ରେସକ୍ରିପ୍‌ସନ୍ ଓ ଅନ୍ୟ କିଛି ସାମଗ୍ରୀ ଜବତ କରିଛି। ଅଦନାନ୍‌ଙ୍କ ମା’ ଓ ଭାଇଙ୍କୁ ମଧ୍ୟ ମାମଲାରେ ଅଭିଯୁକ୍ତ କରାଯାଇଛି। ଉଭୟ ବର୍ତ୍ତମାନ ଫେରାର୍ ଥିବାବେଳେ ଘଟଣାର ତଦନ୍ତ ଜାରି ରହିଛି।

## ଛତିଶଗଡ଼ ବାଲୋଦରେ ଟ୍ରକ-ପିକଅପ୍ ଧକ୍କା, ୬ ମୃତ, ୭ ଗୁରୁତର



ଛତିଶଗଡ଼ : ଛତିଶଗଡ଼ ବାଲୋଦ ଜିଲ୍ଲାରେ ନ୍ୟାସନାଲ ହାଇୱେ ୩୦ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଧମତରୀରୁ କୋଙ୍କରୀ ମଧ୍ୟରେ ମରକଟୋଲା ଘାଟରେ ଡିଜେ ସିଷ୍ଟମ ନେଇ ଯାଉଥିବା ପିକଅପ୍ ଏବଂ ଧାନଭର୍ତ୍ତି ଟ୍ରକ ମଧ୍ୟରେ ଭୟଙ୍କର ଧକ୍କା ଯୋଗୁଁ ୬ ଜଣଙ୍କ ଜୀବନ ଚାଲିଯାଇଛି । ଘଟଣାରେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ବାଲୋଦ ଜିଲ୍ଲା ପୁରୁର ଥାନା ଅଞ୍ଚଳରେ ଜାତୀୟ ରାଜପଥ ୩୦.ରେ ଧମତରୀରୁ କୋଙ୍କରୀ ମଧ୍ୟରେ ମରକଟୋଲା ଘାଟରେ ଡିଜେ ସିଷ୍ଟମ ନେଉ ଯାଉଥିବା ପିକଅପ୍ ଏବଂ ଧାନଭର୍ତ୍ତି ଟ୍ରକ ମଧ୍ୟରେ ଭୟଙ୍କର ଧକ୍କା ହୋଇଥିଲା । ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଏବଂ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା । ଆହତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ମାମଲାର ଯାଞ୍ଚ ଆରମ୍ଭ କରି ଦୁର୍ଘଟଣାର କାରଣ ଖୋଜିବାକୁ ଚେଷ୍ଟା କରୁଛି । ଅତିରିକ୍ତ ଏସପି ଚନ୍ଦ୍ରକାନ୍ତ ଗର୍ଭଣୀ କହିଛନ୍ତି କି, ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି ।

## ମୋତେ ଏନକାଉଣ୍ଟର କରାଯାଇପାରେ : ସୋନମ୍ ୱାଙ୍ଗଚୁକ୍

ଲେହ:ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ଗୁରୁବାର କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ଗୁରୁତର ଅଭିଯୋଗ ଆଣିବା ସହ ତାଙ୍କୁ ଏନକାଉଣ୍ଟର କରି ହତ୍ୟା କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ସମୟରେ ସୁରକ୍ଷା ବାହିନୀର ଗୁଳିଚାଳନାରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣାର ପ୍ରଥମ ବାର୍ଷିକୀ ଅବସରରେ ସେ ଏହି ବୟାନ ଦେଇଛନ୍ତି। ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିଧାସଳଖ ଦାୟୀ କରିବା ସହ ସେ ତାଙ୍କର ଇସ୍ତଫା ଦାବି କରିଛନ୍ତି। ୱାଙ୍ଗଚୁକ୍ ଅଭିଯୋଗ କରିଛନ୍ତି ଯେ ଲଦାଖରେ ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଭିଆଇବା ପାଇଁ ଗୁପ୍ତ ଷଡ଼ଯନ୍ତ୍ର କରାଯାଇଥିଲା। ଗୁଳିଚାଳନା ନିର୍ଦ୍ଦେଶ ଦେବା ପାଇଁ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ ଅଫିସରମାନେ ମନା କରିବା ସତ୍ତ୍ୱେ ବେଆଇନ ଭାବେ ଗୁଳିଚାଳନା କରାଯାଇଥିଲା। ସେହିପରି ସରକାର ଗଠନ କରିଥିବା ଜଷ୍ଟିସ୍ ବି.ଏସ୍. ଚୌହାନଙ୍କ ନ୍ୟାୟିକ ତଦନ୍ତ କମିଟିର ରିପୋର୍ଟକୁ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ଲଦାଖକୁ ରାଜ୍ୟ ପାହ୍ୟା ପ୍ରଦାନ କରିବାକୁ ଦେଇଥିବା ପ୍ରତିଶ୍ରୁତିରୁ କେନ୍ଦ୍ର ସରକାର ଓହରି ଯାଇଥିବାରୁ ଏହି ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତି ମୁର୍ମୁ ପଶ୍ଚିମବଙ୍ଗର ‘ଗୁଣ୍ଡା ବିରୋଧୀ’ ବିଲ୍‌କୁ ଅନୁମୋଦନ ଦେଲେନି, ପୁନର୍ବିଚାର ପାଇଁ ଫେରାଇ ଦେଲେ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ‘ଆଣ୍ଟି-ଗୁଣ୍ଡା’ ବିଲ୍‌କୁ ଅନୁମୋଦନ ଦେଇନାହାନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ବିଲ୍‌ଟିକୁ ପୁନର୍ବିଚାର ପାଇଁ ଫେରାଇ ଦେଇଛନ୍ତି। ବିଲ୍‌ର କିଛି ବ୍ୟବସ୍ଥା କେନ୍ଦ୍ରୀୟ ଆଇନ ସହ ବିରୋଧ ସୃଷ୍ଟି କରିପାରେ ବୋଲି କେନ୍ଦ୍ର ପକ୍ଷରୁ ଆପତ୍ତି ଉଠାଯାଇଥିଲା। ବିଶେଷକରି ମାଦକଦ୍ରବ୍ୟ ସମ୍ପର୍କିତ ଏନ୍‌ଡିପିଏସ୍ ଆଇନ, ୧୯୮୫ର କିଛି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କୁ ଦେଇଥିବା ନୋଟ୍‌ରେ କହିଥିଲେ ଯେ ବିଲ୍‌ରେ ‘ଗୁଣ୍ଡା’ର ପରିଭାଷା ମଧ୍ୟରେ ଏନ୍‌ଡିପିଏସ୍ ଆଇନ ଅଧୀନରେ ଅପରାଧ କରୁଥିବା, ଉଦ୍ୟମ କରୁଥିବା, ସହଯୋଗ କରୁଥିବା, ପ୍ରୋତ୍ସାହନ ଦେଉଥିବା କିମ୍ବା ଅର୍ଥ ଯୋଗାଉଥିବା ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏହା ୧୯୮୮ର ପିଆଇଟିଏନ୍‌ଡିପିଏସ୍ ଆଇନରେ ଥିବା ବ୍ୟବସ୍ଥା ସହ ଓଭରଲାପ୍ କରିପାରେ ବୋଲି କେନ୍ଦ୍ର ଆଶଙ୍କା ପ୍ରକାଶ କରିଥିଲା। ଏହାଦ୍ୱାରା ସମାନ ବିଷୟରେ ଦୁଇଟି ଆଇନଗତ ବ୍ୟବସ୍ଥା ସୃଷ୍ଟି ହେବା ସହ ସମ୍ବିଧାନର ଧାରା ୨୫୪ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ଆଇନ ମଧ୍ୟରେ ବିରୋଧ ଦେଖା ଦେଇପାରେ। ଏହି କାରଣରୁ ବିଲ୍‌ର ଧାରା ୨(ଡି)(୩)(ବି)ରୁ ଏନ୍‌ଡିପିଏସ୍ ଆଇନ ସମ୍ପର୍କିତ ଉଲ୍ଲେଖ ହଟାଇବାକୁ କେନ୍ଦ୍ର ପରାମର୍ଶ ଦେଇଥିଲା। ଆବଶ୍ୟକ ସଂଶୋଧନ ପରେ ବିଲ୍‌କୁ ପୁଣି ବିଧାନସଭାରେ ଆଗତ କରି ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇପାରେ। ପଶ୍ଚିମବଙ୍ଗର ବିଜେପି ସରକାର ଜୁନ୍‌ରେ ‘ପଶ୍ଚିମବଙ୍ଗ ପବ୍ଲିକ୍ ସେଫ୍‌ଟି ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ଆଣ୍ଟି-ସୋସିଆଲ୍ ଆକ୍ଟିଭିଟିଜ୍ ବିଲ୍, ୨୦୨୬’ ଆଗତ କରିଥିଲେ। ବିଲ୍‌ରେ ଅସାମାଜିକ କାର୍ଯ୍ୟକଳାପ ଓ ‘ଗୁଣ୍ଡା’ର ପରିଭାଷା ସହ ସେମାନଙ୍କ ବିରୋଧରେ କିଛି କଟକଣାର ବ୍ୟବସ୍ଥା ରହିଛି। ଜିଲ୍ଲାପାଳ, ପୁଲିସ କମିସନର କିମ୍ବା ସରକାରଙ୍କ ଅନୁମୋଦିତ ଡିଆଇଜି ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କୌଣସି ବ୍ୟକ୍ତିଙ୍କୁ ଏକ ଅଞ୍ଚଳ କିମ୍ବା ଜିଲ୍ଲାରୁ ବାହାରିଯିବାକୁ ନିର୍ଦ୍ଦେଶ ଦେଇପାରିବେ। ଏପରିକି ସର୍ବାଧିକ ଏକ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ସେହି ଅଞ୍ଚଳକୁ ଫେରିବା ଉପରେ କଟକଣା ଲଗାଯାଇପାରିବ। ଏହି ବିଲ୍‌କୁ ନେଇ ଅଗଷ୍ଟ ୬ରେ କଲିକତା ହାଇକୋର୍ଟର ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଓ ଜଷ୍ଟିସ୍ ପାର୍ଥସାରଥି ଚଟ୍ଟୋପାଧ୍ୟାୟଙ୍କ ଖଣ୍ଡପୀଠରେ ତିନିଟି ଜନସ୍ୱାର୍ଥ ମାମଲା ଖାରଜ ହୋଇଥିଲା।



## ମଣିପୁରରେ ଚାରି ନାଗାଙ୍କୁ ହତ୍ୟା କଲେ ମ୍ୟାମାଁର କୁକି ବିଦ୍ରୋହୀ

ଗୁଆହାଟି: ମଣିପୁରରେ ହିଂସା ଜାରି ରହିଥିବା ବେଳେ ମ୍ୟାମାଁର ସ୍ଥିତ କୁକି ବିଦ୍ରୋହୀମାନେ ସୀମା ପାର୍ ହୋଇ ଆସି ଚାରି ଜଣ ନାଗା ଲୋକଙ୍କୁ ହତ୍ୟା କରିଛନ୍ତି। ଗୁରୁବାର ଅପରାହ୍ଣରେ ମଣିପୁରର କାମଜୋଙ୍ଗ ଜିଲ୍ଲାର ଭାରତ-ମ୍ୟାମାଁର ସୀମା ନିକଟବର୍ତ୍ତୀ ତାଙ୍ଗଖୁଲ ନାଗା ଗ୍ରାମ ଫିଲୋଙ୍ଗରେ ଏହି ଆକ୍ରମଣ କରାଯାଇଥିଲା। ତାଙ୍ଗଖୁଲ ନାଗା ଲଙ୍ଗ କାର୍ଯ୍ୟକାରୀ କମିଟି ଘଟଣାର ନିନ୍ଦା କରିଛି ଓ ସୀମାପାର ଆତଙ୍କବାଦ ଏବଂ ହତ୍ୟା ପାଇଁ ସରକାରଙ୍କୁ ଦାୟୀ କରିଛି।

ବିବୃତିରେ ନାଗା ସଂଗଠନ ଅଭିଯୋଗ କରିଛି ଯେ, ମ୍ୟାମାଁର ଭିତ୍ତିକସଶସ୍ତ୍ର ଗୋଷ୍ଠୀ ପିପୁଲ୍ସ ଡିଫେନ୍ସ ଫୋର୍ସ (ପିଡିଏଫ୍) ଦ୍ୱାରା ସମର୍ଥିତ କୁକି ନ୍ୟାସନାଲ ଆର୍ମି-ବର୍ମା (କେଏନଏ-ବି) ଓ କୁକି ଗୋଷ୍ଠୀର ସଦସ୍ୟମାନେ ଏହି ଆକ୍ରମଣ କରିଛନ୍ତି। ମ୍ୟାମାଁରର ଫାଇଲେନ କୁକି ଗ୍ରାମରୁ ଏକ କୁକି ଗୋଷ୍ଠୀ ନାମ୍ୟା ନଦୀ ପାର ହୋଇ ଆସିଥିଲେ। ସେମାନଙ୍କ ନିକଟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିଲା ଓ ସେମାନେ ଫିଲୋଙ୍ଗ ନାଗରିକଙ୍କ ଉପରେ ହିଂସାତ୍ମକ ଆକ୍ରମଣ କରିଥିବା ତାଙ୍ଗଖୁଲ ନାଗା ଲଙ୍ଗ ପକ୍ଷରୁ କୁହାଯାଇଛି।

## ନିର୍ବାଚନୀ ଚିହ୍ନ ବଣ୍ଟନକୁ ନେଇ ନିର୍ବାଚନ ଆୟୋଗଙ୍କୁ କୋଲକାତା ହାଇକୋର୍ଟଙ୍କ ତୀବ୍ର ଭର୍ତ୍ସନା

କୋଲକାତା: ପଶ୍ଚିମବଙ୍ଗର ଆଗାମୀ ଉପନିର୍ବାଚନ ପାଇଁ ଚିହ୍ନ ବଣ୍ଟନକୁ ନେଇ ନିର୍ବାଚନ ଆୟୋଗଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି କୋଲକାତା ହାଇକୋର୍ଟ। ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍ଏଫ୍) ୨୦୨୬ ବିଧାନସଭା ନିର୍ବାଚନରେ ବ୍ୟବହାର କରିଥିବା ‘ଏନ୍‌ଭେଲପ୍’ ଚିହ୍ନକୁ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସକୁ ଦିଆଯାଇଥିବାରୁ ଏହି ମାମଲା ହାଇକୋର୍ଟରେ ପହଞ୍ଚିଛି।



ବିଚାରପତି କୃଷ୍ଣ ରାଓ ନିର୍ବାଚନ କମିଶନଙ୍କୁ କହିଥିଲେ ଯେ, କର୍ତ୍ତୃପକ୍ଷଙ୍କୁ ନିରପେକ୍ଷ ଓ ନ୍ୟାୟସଙ୍ଗତ ଭାବେ କାମ କରିବା ଉଚିତ। ନିର୍ବାଚନ ଆରମ୍ଭ ହେବା ପରେ ବିବାଦ ସୃଷ୍ଟି ହେଉଥିବାରୁ ଦଳଗୁଡ଼ିକୁ ଅଦାଲତର ଦ୍ୱାରସ୍ଥ ହେବାକୁ ପଡୁଛି ଓ ଏହା ଅଦାଲତ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି ବୋଲି ସେ ମତ ଦେଇଥିଲେ। ଆଇଏସ୍ଏଫ୍‌ର ପକ୍ଷରୁ ହାଇକୋର୍ଟରେ ଆବେଦନ କରି ‘ଏନ୍‌ଭେଲପ୍’ ଚିହ୍ନକୁ ଅନ୍ୟ କୌଣସି ଦଳକୁ ଦିଆ ନଯିବା ପାଇଁ ନିର୍ଦ୍ଦେଶ ଲୋଡ଼ାଯାଇଛି। ଦଳର କହିବା ଅନୁସାରେ, ବିଧାନସଭା ନିର୍ବାଚନରେ ଯେଉଁ ଚିହ୍ନରେ ପ୍ରାର୍ଥୀମାନେ ଲଢ଼ିଥିଲେ, ସେହି ଚିହ୍ନ ଉପନିର୍ବାଚନରେ ଅନ୍ୟ କାହାକୁ ପ୍ରଦାନ କରାଗଲେ ଭୋଟରମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇପାରେ। ଏହାପରେ ଆୟୋଗ ଆଇଏସ୍ଏଫ୍‌କୁ ‘ଆଲମିରା’ ଚିହ୍ନ ଦେଇଛନ୍ତି।

କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ଏଫ୍ ଏକ ପଞ୍ଜୀକୃତ କିନ୍ତୁ ଅସ୍ୱୀକୃତ ରାଜନୈତିକ ଦଳ। ଏଭଳି ଦଳଗୁଡ଼ିକ ପାଇଁ ସ୍ଥାୟୀ ଭାବେ ସଂରକ୍ଷିତ ଚିହ୍ନ ନଥାଏ। ଆଇଏସ୍ଏଫ୍‌କୁ ପୂର୍ବରୁ ଦୁଇଥର ‘ଏନ୍‌ଭେଲପ୍’ ଚିହ୍ନ ଦିଆଯାଇଥିଲା ବୋଲି କମିଶନଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା। ଅନ୍ୟପକ୍ଷରେ, ଆଇଏସ୍ଏଫ୍‌ର ଆଇନଜୀବୀ କହିଥିଲେ ଯେ ଉପନିର୍ବାଚନ ପାଇଁ ନୂଆ କରି ଚିହ୍ନ ଆବଣ୍ଟନ ନିମନ୍ତେ ଫର୍ମ ୧୦ବି ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ କୌଣସି ନୂଆ ବିଜ୍ଞପ୍ତି ଜାରି ହୋଇନଥିଲା। ବିଚାରପତି ରାଓ ପ୍ରଶ୍ନ କରିଥିଲେ, ଯଦି ମାତ୍ର ଚାରି ମାସ ପୂର୍ବେ ଏହି ଚିହ୍ନ ଗୋଟିଏ ଦଳ ବ୍ୟବହାର କରିଥିଲା, ତେବେ ଉପନିର୍ବାଚନ ପାଇଁ ଅନ୍ୟ ୧୮୩ଟି ଚିହ୍ନ ମଧ୍ୟରୁ ଅନ୍ୟ କୌଣସି ଚିହ୍ନ କାହିଁକି ବଛାଗଲା ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାର ହେବ।

## ବିଏଲ୍‌ଓ ଆପ୍‌ରେ ‘ଭିଆଇପି’ ଫିଚର୍‌କୁ ନେଇ ଚର୍ଚ୍ଚା: ଜୁଲାଇ ୩୦ରେ ହୋଇଥିଲା ଆପ୍ ଅପ୍‌ଡେଟ୍

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ନେଇ ନିର୍ବାଚନ ଆୟୋଗ ବିରୋଧରେ ବିବାଦ ଚାଲିଥିବା ବେଳେ ବୁଥ୍ ଲେଭଲ୍ ଅଫିସର୍ (ବିଏଲ୍‌ଓ)ମାନେ ବ୍ୟବହାର କରୁଥିବା ଆପ୍‌ରେ ନୂଆ ‘ମାର୍କ ଭିଆଇପି’ ଫିଚର୍ ଯୋଡ଼ାଯାଇଥିବା ଜଣାପଡ଼ିଛି। ‘ସ୍ପେସିଆଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍’ (ଏସ୍ଆଇଆର୍) ସମୟରେ କେତେକ ଭୋଟରଙ୍କୁ ଭିଆଇପି ଭାବେ ଚିହ୍ନଟ କରିବା ପାଇଁ ଏହି ସୁବିଧା ଦିଆଯାଇଛି।

ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ଅନୁସାରେ, ଜୁଲାଇ ୩୦ରେ ବିଏଲ୍‌ଓ ଆପ୍‌କୁ ଅପ୍‌ଡେଟ୍ କରାଯାଇ ଏହି ଫିଚର୍ ଯୋଡ଼ାଯାଇଥିଲା। ଆପ୍‌ଲ ଆପ୍ ଷ୍ଟୋର୍‌ର ରେକର୍ଡରେ ଜୁଲାଇ ୩୧ରେ ‘ମାର୍କ ଭିଆଇପି ଇଲେକ୍ଟର୍ ରିଲେଟେଡ୍ ଚେଞ୍ଜେସ୍’ ଭାବେ ଏହି ଅପ୍‌ଡେଟ୍ ଦର୍ଶାଯାଇଛି। ତେବେ ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର୍‌ରେ ଏହି ପରିବର୍ତ୍ତନର ରେକର୍ଡ ମିଳିନାହିଁ। ନୂଆ ଫିଚର୍ ଅନୁସାରେ, ବିଏଲ୍‌ଓ ଜଣେ ଭୋଟରଙ୍କ ଘରକୁ ଯାଇ ଯାଞ୍ଚ କରିବା ପରେ ତାଙ୍କୁ ଭିଆଇପି ଭାବେ ଚିହ୍ନଟ କରିପାରିବେ। ଏହାପରେ ଏହି ଚିହ୍ନକୁ ପ୍ରଥମେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ), ପରେ



ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ଏବଂ ଶେଷରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଯାଞ୍ଚ କରିଥାଏ।

ତେବେ ଭୋଟରଙ୍କୁ ଭିଆଇପି ଭାବେ ଚିହ୍ନଟ କରିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ନୂଆ ନୁହେଁ। ନିର୍ବାଚନ ଆୟୋଗର ନିୟମ ଓ ମାନୁଆଲ୍‌ରେ ୨୦୧୮ରୁ ଏହାର ବ୍ୟବସ୍ଥା ରହିଛି। ୨୦୨୩ ମାର୍ଚ୍ଚର ଇଲେକ୍ଟୋରାଲ୍ ରୋଲ୍ ମାନୁଆଲ୍ ଅନୁସାରେ ସାଂସଦ, ବିଧାୟକ, ସାମ୍ବିଧାନିକ ପଦାଧିକାରୀ, ନ୍ୟାୟପାଳିକା ସହ ଜଡ଼ିତ ବ୍ୟକ୍ତି, ସରକାରୀଅଧିକାରୀ ଏବଂ କଳା, ସଂସ୍କୃତି, ସାମ୍ବାଦିକତା ଓ କ୍ରୀଡ଼ା କ୍ଷେତ୍ରର ପ୍ରମୁଖ ବ୍ୟକ୍ତିଙ୍କୁ ଏହି ତାଲିକାରେ ରଖାଯାଇପାରେ। ଦିଲ୍ଲୀରେ ଏଭଳି ଭିଆଇପି ଭୋଟରଙ୍କ ସଂଖ୍ୟା ପ୍ରାୟ ୩,୦୦୦ ବୋଲି ଜଣେ ଅଧିକାରୀ କହିଛନ୍ତି। ଭିଆଇପି ଭୋଟରଙ୍କୁ ଡ୍ରାଫ୍‌ଟ ଭୋଟର ତାଲିକାରେ ସ୍ୱୟଂକ୍ରିୟ ଭାବେ ସାମିଲ କରାଯାଇପାରେ, କିନ୍ତୁ ସେମାନେ ଆପତ୍ତି ଓ ଦାବି ପ୍ରକ୍ରିୟାରୁ ବାଦ୍ ପଡ଼ନ୍ତି ନାହିଁ।

ଏହି ଫିଚର୍‌କୁ ନେଇ ଚର୍ଚ୍ଚା ବଢ଼ିବାର ଅନ୍ୟତମ କାରଣ ହେଉଛି, ଦିଲ୍ଲୀର ଏସ୍ଆଇଆର୍ ସମୟରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାଣୀ, ବୈଦେଶିକମନ୍ତ୍ରୀ ଏସ୍ ଜୟଶଙ୍କର ଓ ନିର୍ବାଚନ କମିସନର ଏସ୍ଏସ୍ ସାନ୍ଧୁଙ୍କ ଭଳି କେତେକ ପ୍ରମୁଖ ବ୍ୟକ୍ତିଙ୍କୁ ‘ଲଜିକାଲ୍ ଡିସ୍‌କ୍ରେପାନ୍ସି’ (ତାର୍କିକ ଅସଂଗତି) ନୋଟିସ୍ ମିଳିଥିଲା। ଏହା ମଧ୍ୟରେ ଜ୍ଞାନେଶ କୁମାରଙ୍କୁ ନେଇ ନିର୍ବାଚନ ଆୟୋଗର ଆଭ୍ୟନ୍ତରୀଣ ନିଷ୍ପତ୍ତିକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି।

# ମୁଖ୍ୟ ନିର୍ବାଚନ କମିଶନର ନିଜ ପକ୍ଷ ଉପସ୍ଥାପନ କରନ୍ତୁ, ନଚେତ ଲୋକଙ୍କ ଭରସା ତୁଟିଯିବ : ଚିରାଗ ପାସୱାନ

ନୂଆଦିଲ୍ଲୀ : ଦେଶରେ ଇଲେକ୍ସନ କମିଶନ ଜ୍ଞାନେଶ କୁମାରଙ୍କୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ବିବାଦକୁ ନେଇ ନିର୍ବାଚନ କମିଶନ ସ୍ପଷ୍ଟୀକରଣ ରଖିବାକୁ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ । ଇଲେକ୍ସନ କମିଶନ ଲୋକଙ୍କର ବିଶ୍ୱାସ ଜିତିବା ଦରକାର । ଯଦି ପ୍ୟାନେଲ ମଧ୍ୟରେ କୌଣସି ବିବାଦ ରହିଛି ତେବେ ଇଲେକ୍ସନ କମିଶନ ଲୋକଙ୍କ ସମ୍ମୁଖରେ ନିଜ ପକ୍ଷ ଦୃଢ଼ ଭାବେ ରଖିବା ଦରକାର ବୋଲି ଚିରାଗ କହିଛନ୍ତି ।

ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଚିରାଗ କହିଛନ୍ତି, ନିର୍ବାଚନ ଆୟୋଗ ଲୋକଙ୍କ ବିଶ୍ୱାସ ବଜାୟ ରଖିବା ସହ ନିର୍ବାଚନ ପ୍ରକ୍ରିୟାକୁ ନେଇ ସେମାନଙ୍କ ମନରେ ଥିବା



ସନ୍ଦେହର ସମାଧାନ କରିବା ଆବଶ୍ୟକ । ଯଦି ନିର୍ବାଚନ ଆୟୋଗଙ୍କ ବିରୁଦ୍ଧରେ ଏଭଳି ପ୍ରଶ୍ନ ଉଠୁଛି, ତେବେ ମୁଁ ବିଶ୍ୱାସ କରେ ଯେ, ନିର୍ବାଚନ ଆୟୋଗ, ବିଶେଷକରି ମୁଖ୍ୟ ନିର୍ବାଚନ କମିଶନର ନିଜ ପକ୍ଷକୁ ଦୃଢ଼ ଭାବରେ ଉପସ୍ଥାପନ କରନ୍ତୁ । ନଚେତ ଲୋକଙ୍କ ଭରସା ତୁଟିଯିବ । ଇଲେକ୍ସନ କମିଶନ ଲୋକଙ୍କର ବିଶ୍ୱାସ ବଜାଇ ରଖିବା ଦରକାର ।

ନିର୍ବାଚନ କମିଶନ ମଧ୍ୟରେ ବିବାଦକୁ ନେଇ ବିରୋଧୀ ଦଳଗୁଡ଼ିକ ଇଲେକ୍ସନ କମିଶନଙ୍କର ଇସ୍ତଫା ଦାବି କରିଛନ୍ତି । କଂଗ୍ରେସ ଜନତା ପାର୍ଟି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ଶନିବାର ସୁଦ୍ଧା ଯଦି ଜ୍ଞାନେଶ କୁମାର ଇସ୍ତଫା ନ ଦିଅନ୍ତି ତେବେ ସିଜେପି ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଦେଶବ୍ୟାପୀ ଆନ୍ଦୋଳ କରିବ ବୋଲି ସିଜେପି ମୁଖ୍ୟ ଅଭିଜିତି ଦୀପକେ କହିଛନ୍ତି ।

ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନର (ଉରଉ)ଙ୍କ ଉପରେ ଭୋଟ୍ ଚୋରି, ଆଇନ ଚୋରି ଓ ସଂସ୍ଥା ଚୋରିର ଅଭିଯୋଗ ଆଣି ଏହାକୁ ଦେଶ ବିରୋଧୀ କାର୍ଯ୍ୟ ବୋଲି କହିଥିଲେ । ସେପଟେ କଂଗ୍ରେସ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ନେଇ ସମଗ୍ର ଦେଶରେ ବିରୋଧ ପ୍ରଦର୍ଶନ କରୁଛି । ପଟନାରୁ ଆରମ୍ଭ କରି ଜମ୍ମୁ ଯାଏଁ କଂଗ୍ରେସ ପାର୍ଟିର କାର୍ଯ୍ୟକର୍ତ୍ତା ରାସ୍ତାରେ ପ୍ରଦର୍ଶନ କରୁଛନ୍ତି । ଭୋଟ ଚୋର, ଗାଦି ଛାଡ଼ ନାରା ଦେଉଛନ୍ତି । କଂଗ୍ରେସ ନେତାମାନେ କହିଛନ୍ତି, ଯେପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ନିଜ ପଦରୁ ଇସ୍ତଫା ଦେଇନାହାନ୍ତି, ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ନ ହୋଇଛି, ସେ ଯାଏଁ ବିରୋଧ ଜାରି ରହିବ ।

# କଡ଼ା ଅଭ୍ୟାସ କଲେ ରୋହିତ-କୋହଲି



ନୂଆଦିଲ୍ଲୀ, ୨୫/୦୯; ଭାରତ ଓ ୱେଷ୍ଟ ଇଣ୍ଡିଜ ମଧ୍ୟରେ ରବିବାର ଠାରୁ ଆରମ୍ଭ ହେବାକୁ ଯାଉଛି ୩ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ । ଥିରୁଅନନ୍ତପୁରମ ସ୍ଥିତ ଗ୍ରୀନଫିଲ୍ଡ ଷ୍ଟାଡିୟମ୍‌ରେ ପ୍ରଥମ ମ୍ୟାଚ ଖେଳାଯିବ । ଏଥିପାଇଁ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଛି । ପ୍ରଥମ ଦିବସରେ ରୋହିତ ଶର୍ମା ଓ ବିରାଟ କୋହଲି ମୁଖ୍ୟ ଆକର୍ଷଣ ସାଜିଛନ୍ତି । ପାରମ୍ପରିକ ଦୌଡ, ଫୁଟବଲ୍ ଖେଳରୁ ଭାରତୀୟ ଦଳର ୱାର୍ମଅପ୍ ଆରମ୍ଭ ହୋଇଥିଲା । ପରେ ପରେ ବିରାଟ କୋହଲି, ଶୁଭମନ ଗିଲ୍, କେଏଲ ରାହୁଲ, ଋତୁରାଜ ଗାଏକୱାଡ୍ ନେଟ୍ସରେ ବ୍ୟାଟିଂ ଆରମ୍ଭ କରିଥିଲେ । ରୋହିତ ନେଟ୍ସରୁ ଦୂରେଇ ରହି ଫିଟ୍‌ନେସ୍ ଟ୍ରେନିଂରେ ବ୍ୟସ୍ତ ରହିଥିଲେ । ପ୍ରମୁଖ ଖେଳାଳିମାନଙ୍କ ବ୍ୟାଟିଂ ଅଭ୍ୟାସ ଶେଷ ହେବା ପରେ ରୋହିତ ନେଟ୍ସକୁ ଓହ୍ଲାଇଥିଲେ । ଦଳର ପ୍ରତ୍ୟେକ ବୋଲରଙ୍କୁ ସେ ସାମ୍ନା କରିଥିଲେ । ସେ ଅଧିକାଂଶ ସମୟ ସତର୍କତାର ସହ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା । ୱେଷ୍ଟ ଇଣ୍ଡିଜ ସିରିଜରେ ଇତିହାସ ରଚିବା ଦ୍ୱାରରେ ରୋହିତ-କୋହଲି । ରନରେ ମାଇଲଷ୍ଟୋନ୍ ସ୍ଥାପନ କରିପାରନ୍ତି ରୋ-କୋ ।

ରୋ-କୋ ମୁଖ୍ୟ ଆକର୍ଷଣ- ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏହି ଦିନିକିଆ ସିରିଜ୍ ଅତ୍ୟନ୍ତ ସ୍ୱତନ୍ତ୍ର ହେବାକୁ ଯାଉଛି । କାରଣ ଉଭୟ ତାରକା ଅନ୍ତର୍ଜାତୀୟ କ୍ରିକେଟର ଦୁଇଟି ଐତିହାସିକ ମାଇଲଖୁଣ୍ଟ ଛୁଇଁବା ପାଇଁ ଅତି ନିକଟତର ହୋଇଛନ୍ତି । ବିରାଟ କୋହଲି ୧୫,୦୦୦ ରନ୍ ରୁ ମାତ୍ର ୫୯ ରନ୍ ଦୂରରେ ଅଛନ୍ତି, ସେ ସଚିନଙ୍କ ପରେ ଏପରି କରିବାରେ ବିଶ୍ୱର ଦ୍ୱିତୀୟ ବ୍ୟାଟର ହେବେ। ବିରାଟ କୋହଲି ଏପର୍ଯ୍ୟନ୍ତ ୩୧୪ ଦିନିକିଆରେ ୧୪୯୪୧ ରନ୍ କରିଛନ୍ତି । ଯଦି କୋହଲି ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ମ୍ୟାଚରେ ୫୯ ରନ୍ ସ୍କର କରନ୍ତି, ତେବେ ସେ ୧୫,୦୦୦ ରନ୍ ର ବର୍ଡର ଅତିକ୍ରମ କରିବେ।

ଭାରତୀୟ ଦଳର ଭେଟେରାନ୍ ବ୍ୟାଟର ରୋହିତ ଶର୍ମା ମଧ୍ୟ ଏକ ବଡ଼ ରେକର୍ଡ ଆଡକୁ ଗତି କରୁଛନ୍ତି। ରୋହିତ ଏପର୍ଯ୍ୟନ୍ତ ଖେଳିଥିବା ୨୮୮ ଦିନିକିଆ ମ୍ୟାଚରେ ୧୧୮୯୫ ରନ୍ କରିଛନ୍ତି । ୧୨୦୦୦ ଦିନିକିଆ ରନ୍ ପୂରଣ କରିବାକୁ ତାଙ୍କୁ ଆଉ ୧୦୫ ରନ୍ କରିବାକୁ ପଡ଼ିବ। ଦିନିକିଆ କ୍ରିକେଟ୍ ଇତିହାସରେ ଏପର୍ଯ୍ୟନ୍ତ ମାତ୍ର ୬ ଜଣ ବ୍ୟାଟର ୧୨,୦୦୦ରୁ ଅଧିକ ରନ୍ କରିଛନ୍ତି । ଯଦି ରୋହିତ ଓ ବିରାଟ ପ୍ରଥମ ମ୍ୟାଚରେ ନିଜର ଲକ୍ଷ୍ୟ ପୂରଣ କରିବା ସମୟରେ ଏହି ଅଙ୍କକୁ ଛୁଇଁ ଯାଆନ୍ତି, ତେବେ ସିରିଜର ଆରମ୍ଭ ସ୍ମରଣୀୟ ହୋଇ ରହିବ। ଏହି ସିରିଜର ଅବଶିଷ୍ଟ ଦୁଇଟି ମ୍ୟାଚ୍ ସେପ୍ଟେମ୍ବର ୨୭ ଏବଂ ପରେ ଅକ୍ଟୋବର ୩ ରେ ଖେଳାଯିବ ।

# ପଦକ ବଢୁଛି, ମାନ୍ୟତା ଖସୁଛି

ନୂଆଦିଲ୍ଲୀ, ୨୫/୦୯; ନାଗୋୟା ଏସିଆଡ୍‌ରେ ଇତିମଧ୍ୟରେ ପଞ୍ଚମ ପଦକ ଦିବସ ଶେଷ ହୋଇଛି । ଭାରତୀୟ ଦଳର ପ୍ରଦର୍ଶନ ଆଦୌ ଭଲ ରହି ନାହିଁ । ଏ ପର୍ଯ୍ୟନ୍ତ ଦୁଇଟି ସ୍ୱର୍ଣ୍ଣରେ ଦଳକୁ ସୀମିତ ରହିବାକୁ ପଡିଛି । ଫଳରେ ପ୍ରତିଦିନ ପଦକ ସଂଖ୍ୟା ବଢୁଥିବାବେଳେ ପଦକ ତାଲିକାରେ ମାନ୍ୟତା ତଳକୁ ଖସି ଖସି ଚାଲିଛି । ପଞ୍ଚମ ପଦକ ଦିବସ ଶେଷ ସୁଦ୍ଧା ଭାରତକୁ ୨ ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ ସହ ମୋଟ୍ ୨୩ଟି ପଦକ ମିଳିଛି । କିନ୍ତୁ ଦଳ ପଦକ ତାଲିକାରେ ୧୫ତମ ସ୍ଥାନକୁ ଖସି ଆସିଛି । କାଜାଖସ୍ତାନ, ଉଜବେକିସ୍ତାନ, ଇରାନ, ଥାଇଲାଣ୍ଡ, ହଂକଂ, ମାଲେସିଆ ଓ ତାଜିକିସ୍ତାନ ଭଳି ଦେଶ ଠାରୁ ଭାରତ ବହୁ ତଳରେ ରହିଛି । ଚୀନ ସର୍ବାଧିକ ୯୮ଟି ସ୍ୱର୍ଣ୍ଣ ଜିତି ପ୍ରଥମ, ଜାପାନ ୨୮ଟି ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ଏବଂ ଦକ୍ଷିଣ କୋରିଆ ୧୩ଟି ସ୍ୱର୍ଣ୍ଣ ଜିତି ତୃତୀୟ ସ୍ଥାନରେ ରହିଛନ୍ତି ।

ଗତ ସଂସ୍କରଣରେ ଆମ ସୁଟିଂ ଦଳ ସର୍ବାଧିକ ୭ଟି ସ୍ୱର୍ଣ୍ଣ ସହ ମୋଟ୍ ୨୨ଟି ପଦକ ଜିତିଥିଲେ । କିନ୍ତୁ ଏଥର ଗୋଟିଏ ସ୍ୱର୍ଣ୍ଣ ମାତ୍ର ପାଇଛି । ଆଥଲେଟିକ୍ସରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜରୁ ଭାରତର ପଦକ ଯାତ୍ରା ଆରମ୍ଭ ହୋଇଛି । ସୁଟିଂ, ଆଥଲେଟିକ୍ସ ଓ ଆର୍‌ଚେରୀରେ ଗତ ଥର ସର୍ବାଧିକ ୧୮ଟି ସ୍ୱର୍ଣ୍ଣ ମିଳିଥିଲା । ଚଳିତ ଏସିଆଡ୍‌ରେ ମହିଳା କ୍ରିକେଟରୁ ହିଁ





ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି । ଗତ ୨୨ ତାରିଖରେ ମହିଳା ଦଳ ଏହି ଗୌରବ ଲାଭ କରିଥିଲା । ଇତିମଧ୍ୟରେ ଆଉ ୨ ଦିନ ବିତି ଗଲାଣି କିନ୍ତୁ ହାତ ଖାଲି ରହିଛି । ସ୍ୱର୍ଣ୍ଣ ସଂଖ୍ୟା ବଢ଼ିଲେ ଯାଇ ଭାରତ ପଦକ ତାଲିକାରେ ଉପରକୁ ଉଠି ପାରିବ। ହାଙ୍ଗଝୌ କ୍ରୀଡାରେ ଭାରତ ୨୮ଟି ସ୍ୱର୍ଣ୍ଣ ସହ ମୋଟ୍ ୧୦୬ଟି ପଦକ ଜିତିଥିଲା ।

ରୋଶିବିନାଙ୍କ ହ୍ୟାଟ୍ରିକ୍ ଉଶୁରେ ରୋଶିବିନା ଦେବୀ ହ୍ୟାଟ୍ରିକ୍ ପଦକ ଜିତିବାରେ ସଫଳ ହୋଇଛନ୍ତି । ସେ ମହିଳା ୬୦ କିଲୋ ଓଜନ ବର୍ଗ ଫାଇନାଲରେ ଚୀନର ଝାଙ୍ଗ ଜିଆଓୟୁଙ୍କ ଠାରୁ ୨-୦ରେ ପରାଜିତ ହୋଇଥିଲେ । ରୌପ୍ୟ ସହ ସେ କ୍ରମାନ୍ୱୟରେ ୩ଟି ଏସିଆଡ୍‌ରେ ପଦକ ଜିତିବାରେ ଗୌରବ ଲାଭ କରିଛନ୍ତି । ୨୦୧୮ କ୍ରୀଡାରେ ବ୍ରୋଞ୍ଜ ଓ ୨୦୨୨ କ୍ରୀଡାରେ ରୋଶିବିନା ରୌପ୍ୟ ଜିତିଥିଲେ । ନିଜ ପ୍ରଦର୍ଶନକୁ ନେଇ ସେ ବେଶ ଖୁସି ରହିଥିବା କହିଛନ୍ତି ।

ମିକ୍ସଡ ସ୍କିଟରେ ଭାରତକୁ ପ୍ରଥମ ପଦକ ସୁଟିଂରେ ମିକ୍ସଡ ସ୍କିଟ୍ ଦଳ ବ୍ରୋଞ୍ଜ ପଦକ ଜିତିଥିଲେ । ଏସିଆଡ୍ର ଏହି ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ । ପରିନାଜ ଧାଲିୱାଲ ଓ ଅନନ୍ତ ଜିତ ସିଂ ନାରୁକାଙ୍କୁ ନେଇ ଭାରତୀୟ ମିକ୍ସଡ ଦଳ ମୋଟ୍ ୪୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ । ଚୀନ ଏହି ଇଭେଣ୍ଟରେ ବିଶ୍ୱ ରେକର୍ଡ (୫୨ ପଏଣ୍ଟ) ସହ ସ୍ୱର୍ଣ୍ଣ ଏବଂ ଦକ୍ଷିଣ କୋରିଆକୁ (୫୧) ରୌପ୍ୟ ପଦକ ମିଳିଥିଲା । ଏହି ପ୍ରତିଯୋଗିତାରେ ମୋଟ୍ ୪ଟି ଦଳ ଭାଗ ନେଇଥିଲେ ।

ଦୀର୍ଘ ୧୬ ବର୍ଷର ପ୍ରତୀକ୍ଷାର ଅନ୍ତ ମହିଳା ୧୦୦୦୦ ମିଟରରେ ସୀମା କୁମାରୀ ଦୀର୍ଘ ୧୬ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି । ୩୨:୫୦.୦୫ ସେକେଣ୍ଡ ସେ ତୃତୀୟ ସ୍ଥାନ ହାସଲ କରିଥିଲେ । ବାହାରିନର ୱିନଫ୍ରେଡ୍ ୟାଭି (୩୨:୩୯.୧୮ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ଜାପାନର ନୋଜୋମି ତାନାକା (୩୨:୪୧.୫୪) ରୌପ୍ୟ ପଦକ ଜିତିଥିଲେ । ୨୦୧୦ ଏସିଆଡ୍‌ରେ ପ୍ରୀଜା ଶ୍ରୀଧରନ ମହିଳା ୧୦୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ତାଙ୍କ ପରେ ଏହି ଇଭେଣ୍ଟରେ ଭାରତକୁ ଏ ପର୍ଯ୍ୟନ୍ତ ପଦକ ମିଳି ନଥିଲା । ସୀମା ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇବାରେ ସଫଳ ହୋଇଛନ୍ତି ।

ମିକ୍ସଡ ରିଲେ ଦଳକୁ ରୌପ୍ୟ ୪ ଗୁଣା ୪୦୦ ମିଟର ରିଲେରେ ଭାରତକୁ ରୌପ୍ୟ ପଦକ ମିଳିଛି । ରାମରାଜ ବିଥ୍ୟା, ଟି. ବିଶାଲ, ଏମ୍. ପୁଭାମ୍ମା ଓ ଟି. ମନୁଙ୍କୁ ନେଇ ଗଠିତ ଭାରତୀୟ ଦଳ ୩:୧୪.୪୬ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ବାହାରିନ ଦଳ ୩:୧୨.୮୭ ସେକେଣ୍ଡ ସହ ନୂଆ ଗେମ୍ ରେକର୍ଡ ପ୍ରତିଷ୍ଠା କରି ସ୍ୱର୍ଣ୍ଣ ଜିତିଥିଲା । ଭିଏତନାମ ଦଳକୁ (୩:୧୪.୫୪ ସେକେଣ୍ଡ) ବ୍ରୋଞ୍ଜ ପଦକ ମିଳିଥିଲା ।

# ୪ ଗୁଣା ୪୦୦ ମିଟର ମିକ୍ସଡ୍ ଇଭେଣ୍ଟରେ ରୌପ୍ୟ

ନୂଆଦିଲ୍ଲୀ, ୨୫।୯: ଏସିଆନ ଗେମ୍ସରେ ଚମକିଛନ୍ତି ଭାରତର ଆଥଲେଟ। ୪ ଗୁଣା ୪୦୦ ମିଟର ରିଲେର ମିକ୍ସଡ ଇଭେଣ୍ଟରେ ଭାରତକୁ ମିଳିଛି ରୌପ୍ୟ ପଦକ। ଶେଷ ରାଉଣ୍ଡରେ ବିଥୟା ରାମରାଜଙ୍କ ଜବରଦସ୍ତ ଦୌଡ ଯୋଗୁ



ଭାରତକୁ ଏପରି ସଫଳତା ମିଳି ପାରିଛି। ଏହି ଇଭେଣ୍ଟରେ ବାହାରିନ ହାସଲ କରିଛି ସ୍ୱର୍ଣ୍ଣ ପଦକ। ଭାରତ ରୌପ୍ୟ ପଦକ ଜିତିବା ପରେ ଚଳିତ ଏସିଆନ ଗେମ୍ସରେ ଦେଶର ମେଡାଲ ସଂଖ୍ୟା ୨୩ବୃଦ୍ଧି ପାଇଛି। ବିଶାଲ ଥେନ୍ନାରାସୁ, ପୋଭମ୍ମା ରାଜୁ, ମନୁ ଟିଏ ଓ ରାମରାଜଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ ୪୦୦ ମିଟର ରିଲେକୁ ୩.୧୪.୪୬ ସମୟରେ ଶେଷ କରି ପୁଣି ରୌପ୍ୟ ପଦକ ନିଜ ପାଖରେ ରଖି ପାରିଛି। କାରଣ ଏହି ମିକ୍ସଡ ଟିମ ୨୦୨୩ ଏସିଆନ ଗେମ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲା।

ବିଶାଲ ଭାରତ ପାଇଁ ଦୌଡ ଆରମ୍ଭ କରିଥିଲେ। ତେବେ ସେ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନଥିଲେ। ଏହାପରେ ପୋଭାମ୍ମା ଭାରତର ମଙ୍ଗ ସମ୍ଭାଳିଥିଲେ। ସେ ଧିମା ଆରମ୍ଭ କରିଥିଲେ ହେଁ ଶେଷ ୫୦ ମିଟର ଦୌଡରେ ଜାନ ଲଗାଇ ଦେଇଥିଲେ। ଭାରତ ମେଡାଲ ଦୌଡରେ ସାମିଲ ହୋଇଥିଲା। ୩ ରାଉଣ୍ଡରେ ଭାରତର ବାଷ୍ଟନ ମନୁଙ୍କ ହାତକୁ ଯାଇଥିଲା। ମନୁ ଠିକଠାକ ପ୍ରଦର୍ଶନ କରିବା ପରେ ଶେଷ ରାଉଣ୍ଡ ପାଇଁ ବିଥୟାଙ୍କୁ ବାଷ୍ଟନ ଦେଇଥିଲେ। ନିଜର ଶକ୍ତିଶାଳୀ ଫିନସ ପାଇଁ ଜଣାଶୁଣା ବିଥୟା କାହାକୁ ନିରାଶ କରି ନଥିଲେ। ସେ ଶେଷ ଲ୍ୟାପରେ ନିଜର ଦମଦାର ପ୍ରଦର୍ଶନ କରିଥିଲେ। ଭାରତ ବ୍ରୋଞ୍ଜ ପଦକ ଜିତିବାକ ବୋଲି କୁହାଯାଉଥିଲା। ହେଲେ ଠିକଣା ସମୟରେ ବିଥୟା ନିଜର ସ୍ପିଡକୁ ବଢ଼ାଇଥିଲେ। ଏହାପରେ ଭାରତକୁ ନାଟକୀୟ ଢଙ୍ଗରେ ରୌପ୍ୟ ପଦକ ଭେଟି ଦେଇଥିଲେ।

ବାହାରିନ ଗେମ ରେକର୍ଡ ୩.୧୨.୮୭ ସମୟ ସହ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଭିଏତନାମର ଖେଳାଳି ବ୍ରୋଞ୍ଜ ପଦକ ପାଇଛନ୍ତି। ସେମାନଙ୍କ ସମୟ ୩.୧୪.୫୪ ରହିଛି। ଭାରତ ୩.୧୪.୪୬ ସମୟ ସହ ରୌପ୍ୟ ପଦକ ହାସଲ କରିଛି। ୩ ବର୍ଷ ତଳେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ଭାରତ ୪ ଗୁଣା ୪୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲା। ୪ ଗୁଣା ୪୦୦ ମିଟର ପୂର୍ବରୁ ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସର ୧୦ ହଜାର ମିଟର ଫାଇନାଲରେ ଭାରତର ସୀମା କୁମାରୀ ବ୍ରୋଞ୍ଜ ପଦକ ଜିତିଥିଲେ। ସୀମା ୩୨.୫୦.୦୫ ସମୟ ସୀମା ସହ ବ୍ରୋଞ୍ଜ ପଦକ ଜିତି ୧୬ ବର୍ଷ ଧରି ଭାରତ ଏହି ଇଭେଣ୍ଟରୁ ଆଶା କରିଥିବା ପଦକ ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି।

# ସ୍କ୍ୱାସ୍‌ରୁ ୩ ପଦକ ପକ୍କା

ନାଗୋୟା: ଚଳିତ ଏସୀୟ କ୍ରୀଡାରେ ଭାରତୀୟ ସ୍କ୍ୱାସ୍ ଖେଳାଳି ୩ ପଦକ ପକ୍କା କରିଛନ୍ତି। ଜ୍ୟୋତ୍ସ୍ନା ଚିନାପ୍ପା-ଭେଲାଭାନ ସେନ୍ଥିଲକୁମାର ମିଶ୍ରିତ ଯୁଗଳ, ଅନାହାତ ସିଂହ ଓ ଅଭୟ ସିଂହ ଏକକ ସେମିଫାଇନାଲ୍‌ରେ ପହଞ୍ଚି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ମିଶ୍ରିତ ଯୁଗଳ କ୍ୱାର୍ଟରଫାଇନାଲ୍‌ରେ ରେକର୍ଡ ସପ୍ତମ ଏସୀୟ କ୍ରୀଡାରେ ଅଂଶଗ୍ରହଣ କରିଥିବା ଜ୍ୟୋତ୍ସ୍ନା ଓ ତାଙ୍କ ସାଥୀ ଭେଲାଭାନ ୧୧-୩, ୧୧-୫ରେ ଫିଲିପାଇନ୍ସର ଡେଭିଡ୍ ପେଲିନୋ ଓ ଜେମିକା ଆରିବାଡାଙ୍କୁ ହରାଇଥିଲେ। ଶନିବାର ଏହି ଭାରତୀୟ ଯୋଡି ସେମିଫାଇନାଲ୍‌ରେ ହଂକଂର ୟୋ କା ଲି ଓ ମିଙ୍ଗ ହଙ୍ଗ ଟାଙ୍ଗଙ୍କୁ ଭେଟିବେ। ୪୦ ବର୍ଷୀୟା ଜ୍ୟୋତ୍ସ୍ନା ଏସୀୟ କ୍ରୀଡାରେ ୨ ରେପ୍ୟ ଓ ୩ କାଂସ୍ୟ ପଦକ ଜିତି ସାରିଛନ୍ତି। ଏବେ ସେ ୨୮ ବର୍ଷୀୟ ଭେଲାଭାନଙ୍କ ସହ ସ୍ୱର୍ଣ୍ଣ ଲକ୍ଷ୍ୟରେ ରହିଛନ୍ତି। ୨୦୨୨ ବୁସାନ ଏସୀୟ କ୍ରୀଡାରେ ପଦାର୍ପଣ କରିଥିବା ଜ୍ୟୋତ୍ସ୍ନା ୨୦୧୮ରେ ଏକକ ବର୍ଗରେ କାଂସ୍ୟ ଜିତିଥିଲେ। ୨୦୧୪ ଓ ୨୦୧୮ରେ ରେପ୍ୟ ଏବଂ ୨୦୧୦ ଓ ୨୦୨୨ କାଂସ୍ୟ ବିଜେତା ଭାରତୀୟ ଦଳରେ ସେ ସଦସ୍ୟ ରହିଥିଲେ।

ଅନ୍ୟପକ୍ଷରେ ଦୁଇ ଭାରତୀୟଙ୍କ ମଧ୍ୟରେ ଖେଳାଯାଇଥିବା ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଅନାହାତ ୧୧-୨, ୧୧-୫, ୧୧-୩ରେ ତନ୍ୱୀ ଖାନଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲ୍‌ରେ ସେ ହାଙ୍ଗ୍‌ଝୌ କାଂସ୍ୟ ବିଜୟିନୀ ବିଶ୍ୱର ୬ ନମ୍ବର ଖେଳାଳି ସାତୋମି ୱାତାନାବେଙ୍କୁ ଭେଟିବେ। ପୁରୁଷ ଏକକରେ ଅଭୟ ୧୧-୪, ୧୧-୩, ୧୧-୬ରେ ଜାପାନର ରିଓନୋସୁକେ ଟିସୁକୋଏଙ୍କୁ ହରାଇଥିଲେ। ଅଭୟ ସେମିଫାଇନାଲ୍‌ରେ ପାକିସ୍ତାନର ଇର୍ଫାନ ମୁହାମ୍ମଦଙ୍କୁ ଭେଟିବେ। ଇର୍ଫାନ ଭାରତର ବୀର ଚୋଟରାଣୀଙ୍କୁ ୬-୧୧, ୧୧-୮, ୧୧-୩, ୧୧-୩ରେ ହରାଇଥିଲେ।

# କବାଡି : ଯୁଗଳ ସ୍ୱର୍ଣ୍ଣ ଦୌଡରେ ଭାରତ

ଆଇଚି:ଭାରତର ଉଭୟ ପୁରୁଷ ଓ ମହିଳା କବାଡି ଦଳ ଫାଇନାଲ୍‌ରେ ପହଞ୍ଚି ଦେଶ ପାଇଁ ୨ ସ୍ୱର୍ଣ୍ଣ ପଦକ ଜିତିବାର ଆଶା ସଞ୍ଚାର କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ଥିବା ଭାରତୀୟ ପୁରୁଷ ଓ ମହିଳା ଦଳ ନିଜ ନିଜ ସେମିଫାଇନାଲ୍ ମ୍ୟାଚ୍‌କୁ ସହଜରେ ଜିତି ସ୍ୱର୍ଣ୍ଣ ଦୌଡରେ ସାମିଲ ହୋଇଛନ୍ତି। ୮ ସ୍ୱର୍ଣ୍ଣ ବିଜେତା ପୁରୁଷ ଦଳ ଶୁକ୍ରବାର ସେମିଫାଇନାଲ୍‌ରେ ଥାଇଲାଣ୍ଡକୁ ୬୬-୨୮ରେ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ରେଡରମାନେ ଲଗାତାର ବୋନସ୍ ପଏଣ୍ଟ ହାସଲ କରି ଥାଇଲାଣ୍ଡକୁ ଚାପରେ ରଖିଥିଲେ। ଦେବାଙ୍କ ଦଲାଲଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଭାରତ ଆରମ୍ଭରୁ



ଥାଇଲାଣ୍ଡକୁ ଅଲ୍‌ଆଉଟ୍ କରି ଦେଇଥିଲା। ଏହାପରେ ଭାରତକୁ ଥାଇଲାଣ୍ଡ ଅଲ୍‌ଆଉଟ୍ କରି ମ୍ୟାଚ୍‌କୁ ଫେରିଥିଲା।

ପ୍ରଥମାର୍ଦ୍ଧର ଶେଷ ସମୟରେ ଭାରତ ପୁଣି ଥରେ ଥାଇଲାଣ୍ଡକୁ ଅଲ୍‌ଆଉଟ କରି ୩୭-୧୮ରେ ଆଗୁଆ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଦେବାଙ୍କ ଚମକରେ ପୁଣି ଥରେ ଥାଇଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଭାରତ ସକ୍ଷମ ହୋଇଥିଲା। ଶେଷରେ ଭାରତ ୬୬-୨୮ରେ ଥାଇଲାଣ୍ଡକୁ ମାତ୍ ଦେଇ ନବମ ସ୍ୱର୍ଣ୍ଣ ପଦକ ଦିଗରେ ଆଉ ଗୋଟିଏ ପାଦ ବାଢ଼ିଥିଲା। ଭାରତର ୬୬ ପଏଣ୍ଟ୍ ୪୩ ଆଉଟ୍, ୧୫ ବୋନସ ଓ ୮ ଅଲ୍‌ଆଉଟ୍‌ରୁ ଆସିଥିଲା। ସେହିଭଳି ଥାଇଲାଣ୍ଡ ୨୦ ଆଉଟ୍, ୫ ବୋନସ, ୨ ଅଲ୍‌ଆଉଟ୍ ସହ ମୋଟ ୨୮ ପଏଣ୍ଟ୍ ପାଇଥିଲା।

ସେହିପରି ମହିଳା ଦଳ ୪୮-୨୪ରେ ନେପାଳକୁ ପରାସ୍ତ କରିଥିଲା। ଭାରତୀୟ ରେଡର୍‌ଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଭାରତ ୩ ଥର ନେପାଳକୁ ଅଲ୍‌ଆଉଟ୍ କରିବା ସହ ୩୫ ଆଉଟ୍ ପଏଣ୍ଟ୍ ଅର୍ଜନ କରିଥିଲା। ହେଲେ ନେପାଳ ମାତ୍ର ୧୮ ଆଉଟ୍ ପଏଣ୍ଟ୍ ପାଇଥିଲା। ପ୍ରଥମାର୍ଦ୍ଧରେ ୨୩ ଆଉଟ୍ ଓ ୪ ବୋନସ ଓ ୨ ଅଲ୍‌ଆଉଟ୍‌ରୁ ୩୧ ପଏଣ୍ଟ୍ ପାଇଥିଲା। ନେପାଳ ୧୩ ଟଚ୍, ଗୋଟିଏ ସୁପର ଟ୍ୟାକଲ୍ ସହ ୧୭ ପଏଣ୍ଟ ପାଇଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଅଲ୍‌ଆଉଟ୍ ସହ ୧୭ ପଏଣ୍ଟ୍ ଯୋଡି ମ୍ୟାଚକୁ ୪୮-୨୪ରେ ଭାରତ ଜିତିଥିଲା।

# ମନୁଷ-ଦିୟାଙ୍କୁ କାଂସ୍ୟ

ନାଗୋୟା: ଚଳିତ ଏସୀୟ କ୍ରୀଡାରେ ଭାରତୀୟ ମିଶ୍ରିତ ଯୁଗଳ ଟେବୁଲ ଟେନିସ୍ (ଟିଟି) ଯୋଡି ମନୁଷ ଶାହ ଓ ଦିୟା ଚିତାଲେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡି ୦-୪ (୮-୧୧, ୫-୧୧, ୮-୧୧, ୨-୧୧ )ରେ ଚୀନ୍‌ର ସୁନ୍ ୟିଙ୍ଗଶା ଓ ୱାଙ୍ଗ ଚୁକ୍ୱିନ୍‌ଙ୍କଠୁ ହାରିଯାଇଥିଲେ। ଏଥିସହ ମନୁଷ ଓ ଦିୟା ଦ୍ୱିତୀୟ ଭାରତୀୟ ମିଶ୍ରିତ ଯୁଗଳ ଯୋଡି ଭାବେ ଏସୀୟ କ୍ରୀଡାରେ ପଦକ ଜିତିବାର ଗେରବ ପାଇଛନ୍ତି। ପୂର୍ବରୁ ଶରତ କମଲ ଓ ମନିକା ବାତ୍ରା ୮ ବର୍ଷ ତଳେ ଜାକର୍ତ୍ତାରେ କାଂସ୍ୟ ଜିତିଥିଲେ। ଶୁକ୍ରବାର ସକାଳେ କ୍ୱାର୍ଟରଫାଇନାଲ୍‌ରେ ମନୁଷ ଓ ଦିୟା ୩-୧ (୧୧-୬, ୧୩-୧୫, ୧୧-୯, ୧୧-୫)ରେ ବିଶ୍ୱର ୪ ନମ୍ବର ହଂକଂ ଯୋଡି ଡୁ ହୋଇ କେମ୍ ଓ ୱଙ୍ଗ ଚୁନ୍ ଟିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକରେ ମନୁଷ ୪-୦ରେ ଇରାନର ବେନ୍ୟାମିନ ଫରାଜିଙ୍କୁ ଏବଂ



ମହିଳା ଏକକରେ ଯଶସ୍ୱିନୀ ଘୋରପଡ ୪-୧ରେ ସିରିଆର ହେଣ୍ଡ ଜାଜାଙ୍କୁ ହରାଇ ରାଉଣ୍ଡ ୧୬ରେ ପହଞ୍ଚିଛନ୍ତି।

# ମହିଳା ସଟ୍‌ପୁଟ୍‌ରେ ବ୍ରୋଞ୍ଜ

ନୂଆଦିଲ୍ଲୀ୨୫।୯: ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଶୁକ୍ରବାର ମହିଳା ସଟ୍‌ପୁଟ୍‌ରେ ଭାରତକୁ ମିଳିଛି ବ୍ରୋଞ୍ଜ ପଦକ। ୧୭.୧୭ ମିଟର ଥ୍ରୋ କରି ମନପ୍ରୀତ କୌର ଜିତିଛନ୍ତି ଏହି ପଦକ। ଏହା ସହ ଏସିଆନ ଗେମ୍ସରେ ସଟ୍‌ପୁଟ୍‌ରେ ପଦକ ଜିତିବାରେ ସେ ହେଉଛନ୍ତି ତୃତୀୟ ଭାରତୀୟ ମହିଳା। ମନପ୍ରୀତ ଧୀମା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ଥ୍ରୋରା ୧୬.୩୨ ମିଟର ଥିଲା। କିନ୍ତୁ ଧୀରେ ଧୀରେ ସେଥିରେ ଉନ୍ନତି ଘଟିଥିଲା। ଚତୁର୍ଥ ପ୍ରୟାସରେ ସେ ୧୭ ମିଟର ଅତିକ୍ରମ କରିଥିଲେ। ଆଉ ଏହା ତାଙ୍କୁ ବ୍ରୋଞ୍ଜ ପଦକ ହାସଲ କରିବାରେ ସହାୟକ ହୋଇଥିଲା। ଏହି ଇଭେଣ୍ଟରେ ଉଭୟ ସ୍ୱର୍ଣ୍ଣ ଓ



ବ୍ରୋଞ୍ଜ ପଦକ ହାତେଇ ଥିଲେ ଚାଇନାର ସୋଙ୍ଗ ଜିଆୟୁଆନ ଓ ଝାଙ୍ଗ ଲିନରୁ। ସୋଙ୍ଗ୍ ପ୍ରଥମ ଥ୍ରୋରୁ ହିଁ ଆଗୁଆ ରହିଥିଲେ। ନିଜର ଦ୍ୱିତୀୟ ପ୍ରୟାସରେ ସେ ୧୯.୪୦ ମିଟରର ଥ୍ରୋ କରି ସିଜିନ୍‌ର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ।

ସୂଚନାଯୋଗ୍ୟ, ବାର୍ବାରା ୱେବଷ୍ଟର (୧୯୫୧) ଏବଂ କିରଣ ବାଲିୟାନ୍ (୨୦୨୩) ହେଉଛନ୍ତି ଅନ୍ୟ ଦୁଇ ଭାରତୀୟ ଖେଳାଳି ଯେଉଁମାନେ ଏହି ଇଭେଣ୍ଟରେ ପଦକ ଜିତିଛନ୍ତି। ଉଭୟ ଏହି ଖେଳରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ମୁଷ୍ଟିଯୁଦ୍ଧ: ସୁମିତ, ସାକ୍ଷୀ ବିଦା; କ୍ୱାର୍ଟରରେ ପ୍ରବୀନ

ନାଗୋୟା: ଭାରତୀୟ ମୁଷ୍ଟିଯୋଦ୍ଧା ସୁମିତଙ୍କ ଏସୀୟ କ୍ରୀଡା ଅଭିଯାନ ଦୁଃଖରେ ଶେଷ ହୋଇଛି। ପୁରୁଷ ୭୦ କେଜି ପ୍ରିକ୍ୱାର୍ଟରଫାଇନାଲ୍‌ରେ ଆହତ ହୋଇ ବିଦାୟ ନେଇଛନ୍ତି ଏହି ହରିୟାଣା ମୁଷ୍ଟିଯୋଦ୍ଧା। ଗୁରୁବାର ଇରାକର ଅଲ୍ ସାରେ ଅଲୀ କାସିମ ହାମ୍‌ଦାନ ବିପକ୍ଷ ପ୍ରିକ୍ୱାର୍ଟରଫାଇନାଲ୍‌ର ପ୍ରଥମ ଦୁଇ ରାଉଣ୍ଡରେ ୨୩ ବର୍ଷୀୟ ସୁମିତ ଆଗରେ ରହିଥିଲେ। ହେଲେ ତୃତୀୟ ରାଉଣ୍ଡରେ ବିପକ୍ଷ ଖେଳାଳିଙ୍କ ଏକ ପଞ୍ଚ୍‌ରେ ତଳେ ପଡିଯିବାରୁ ତାଙ୍କୁ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳରେ ସେ ଆଉ ଖେଳିବାକୁ ସକ୍ଷମ ହୋଇଥିଲେ ଏବଂ ଓହରି ଯାଇଥିଲେ। ଫଳରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସୁମିତ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ବୁଞ୍ଜୋଙ୍ଗ ସିନସିରିଙ୍କୁ ୫-୦ରେ ହରାଇ ପ୍ରିକ୍ୱାର୍ଟରରେ ପହଞ୍ଚିଥିଲେ । ଅନ୍ୟପକ୍ଷରେ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ସାକ୍ଷୀ ଚୌଧୁରୀ ପ୍ରିକ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଗୁରୁବାର ମହିଳା ୬୫ କେଜି ବର୍ଗରେ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ବିଜୟିନୀ ୨୬ ବର୍ଷୀୟା ସାକ୍ଷୀ କଡା ସଂଘର୍ଷ କରି ୨-୩ରେ କାଜାଖସ୍ତାନର ଆଲୁଆ ବାଲକିବେକୋଭାଙ୍କଠୁ ହାରି ଯାଇଥିଲେ। ତେବେ ମହିଳା ୬୫ କେଜିରେ ପ୍ରବୀନ ବିନା ଲଢେଇରେ କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିନେଇଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ଦ. ଆଫ୍ରିକା

ନୂଆଦିଲ୍ଲୀ, ୨୫/୦୯; ଘରୋଇ ଦକ୍ଷିଣ ଆଫ୍ରିକ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୬୭ ରନ୍‌ରେ ବିଜୟ ହାସଲ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୮ ୱିକେଟ୍ ହରାଇ ୨୯୭ ରନ ସଂଗହ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମଧ୍ୟ ଭାଗରେ ମାଥ୍ୟୁ ବ୍ରିଜକୀ ଶତକ ଅର୍ଜନ କରିବା ଫଳରେ ଦଳୀୟ ସ୍କର ୨୯୭ରେ ପହଞ୍ଚିଥିଲା । ସେ ୧୪ଚୌକା ଓ ୨ ଛକା ବଳରେ ୧୧୨ ରନ କରିଥିଲେ ।

ତେମ୍ବା ବାଭୁମାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଆଗୁଆ ରହିଛି । ଆୟୋଜକ ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆକୁ ୬୭ ରନରେ ପରାସ୍ତ କରିଛି । ଅଷ୍ଟ୍ରେଲିଆ ୫୨ଟି ବଲ୍ ପୂର୍ବରୁ ଫସି ଯାଇଥିଲା । ଡର୍ବାନ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ୨୯୮ ରନର ଲକ୍ଷ୍ୟ ରଖିଥିଲା । ହେଲେ ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦକ୍ଷିଣ ଆଫ୍ରିକାର ସ୍ପିନର କେଶବ ମହାରାଜ ୪ଟି ୱିକେଟ୍ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାର୍କୋ ଜାନସେନ ୫୯ଟି ବଲ୍ରୁ ୭୫(୭ଚୌକା, ୪ଛକା) ରନର ଏକ ବିସ୍ଫୋରକ ପାଳି ଖେଳିଥିଲେ । ସେହପରି ତେମ୍ବା ବଭୁମା ୩୦ ଓ ର୍ୟାନ ରିକେଲଟନ ୨୭ ରନ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଏଲିସ୍ ୩ଟି ଓ ଆଡାମ ଜାମ୍ପା ୨ଟି ୱିକେଟ୍ ନେଇଥିଲେ । ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ଧୂଆଁଧାର ବ୍ୟାଟିଂ କରି ୩୬ଟି ବଲ୍ରୁ ୫ ଚୌକା ଓ ୬ ଛକା ବଳରେ ୬୦ ରନ ସଂଗ୍ରହ କରିଥିଲେ । ତାଙ୍କ ୱିକେଟ୍ର ପତନ ପରେ ଅଷ୍ଟ୍ରେଲିଆ ମ୍ୟାଚକୁ ଫେରି ପାରି ନଥିଲା । ଅନ୍ୟ କେହି ଉପଯୋଗୀ ବ୍ୟାଟିଂ କରିପାରି ନଥିଲେ । ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଶେଷରେ ୨୩୦ ରନ୍ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଦଳ ପକ୍ଷରୁ ମାଟ୍ ରେନସ ୪୪, କୁପର କନ୍ନଲି ୩୮ ଓ ଟ୍ରାଭିସ ହେଡ୍ ୩୬ ରନ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ୪ଟି, କର୍ବିନ ବସ୍କ ଓ ଜନ ଫର୍ଚୁଇନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

ଦକ୍ଷିଣ ଆଫ୍ରିକା ମାଟିରେ ଦିନିକିଆ ଫର୍ମାଟରେ କ୍ରମାଗତ ଚତୁର୍ଥ ମ୍ୟାଚରେ ଅଷ୍ଟ୍ରେଲିଆ ପରାଜୟର ସମ୍ମୁଖୀନ ହୋଇଛି । ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ୩ଟି ଦିନିକିଆ ମ୍ୟାଚରେ ୧୦୦ରୁ ଅଧିକ ରନରେ ପରାସ୍ତ କରିଥିଲା । ଟାର୍ଗେଟ୍ ପିଛା କରି ଅଷ୍ଟ୍ରେଲିଆ ଦ୍ରୁତ ଆରମ୍ଭ କରିଥିଲା । ଅଧିନାୟକ ମିଚେଲ ମାର୍ଶ ୩୬ ବଲରୁ ୬୦ ରନ୍ କରିଥିଲେ । ଟ୍ରାଭିସ୍ ହେଡ୍ ୩୭ ବଲରୁ ୩୭ ରନ୍, ୯୦ ରନର ଓପନିଂ ଭାଗିଦାରୀ କରିଥିଲେ । ହେଲେ ମହାରାଜ ୧୦ ଓଭରରେ ମାର୍ଶଙ୍କୁ ପାଭିଲିୟନ ପଠାଇଥିଲେ ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର